# ମସ୍କଟରେ ଶ୍ରମିକଙ୍କ ମୃତ୍ୟୁ; କତାରରୁ ଫେରିଲା ମୃତଦେହ

**ଖଲ୍ଲିକୋଟରେ ବଢୁଛି ଦାଦନ ଦୁଃଖ**



**ଖଲ୍ଲିକୋଟ,୧୨ ।୩(ସମିସ):** ଖଲ୍ଲିକୋଟର ପିଛା ଛାଡୁନି ଦାଦନ ଯନ୍ତ୍ରଣା । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ଭିତରେ ଆଜି ଏମିତି ଦୁଇଟି ଦାଦନ ଦୁଃଖ କାହାଣୀ ଖଲ୍ଲିକୋଟ ଅଞ୍ଚଳରେ ପହଞ୍ଚିଛି । ଖଲ୍ଲିକୋଟ ବ୍ଲକ ଲକ୍ଷ୍ମଣପୁର ଗ୍ରାମର ସୌରୀ ବେହେରାଙ୍କ ଓମାନ ଦେଶର ମସ୍କଟ ସହରରେ ଗୁରୁବାର ମୃତ୍ୟୁ ଘଟିଛି । ସେପଟେ ଗତ ୭ ତାରିଖରେ ନାଇକାଣୀପଲ୍ଲୀ ଗ୍ରାମର କୁନା ଖୁଣ୍ଟିଆଙ୍କ କତାର ଦୋହାରେ ମୃତ୍ୟୁ ଘଟିଥିବା ବେଳେ ୫ ଦିନ ପରେ ଗୁରୁବାର ତାଙ୍କ ମରଶରୀର ଗାଁରେ ପହଁଚିଛି ।

ଲକ୍ଷ୍ମଣପୁର ଗ୍ରାମର ସୌରୀ ବେହେରା (୫୩) ଗତ ୩ବର୍ଷ ତଳେ ପରିବାର ପ୍ରତିପୋଷଣ ପାଇଁ ମସ୍କଟ ଯାଇଥିଲେ । ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରି ଯାହା ଟଙ୍କା ପଠାଉଥିଲେ ସେଥିରେ ଘର ଚଳୁଥିଲା । ତେବେ ଆଜି କମ୍ପାନୀରେ କାମ କରୁଥିବା ବେଳେ ସୌରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆ ଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଖବର ଗାଁରେ ପହଞ୍ଚିବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି । କାନ୍ଦ ବୋବାଳିରେ ଘର ଫାଟି ପଡୁଛି । ମୃତ ସୌରୀ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କ ମରଶରୀର ଗାଁକୁ ଫେରାଇ ଆଣିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି ।

ସେପଟେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ନାଇକାଣିପଲ୍ଲୀ ଗ୍ରାମର ଜୟ ଖୁଣ୍ଟିଆଙ୍କ ପୁଅ କୁନା ଖୁଣ୍ଟିଆଙ୍କ ଚଳିତ ମାସ ୭ ତାରିଖରେ କତାର ଦୋହାରେ ମୃତ୍ୟୁ ଘଟିଥିଲା । ଯୁଦ୍ଧ ଯୋଗୁଁ ବିମାନ ଚଳାଚଳ ବନ୍ଦ ରହିଥିବାରୁ ମୃତଦେହ ଆସିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ତେବେ ୯ ତାରିଖ ଦିନ କତାର ଓ ଭାରତ ମଧ୍ୟରେ ବିମାନ ଚଳାଚଳ ସ୍ୱାଭାବିକ ହେବାରୁ ଗୁରୁବାର ତାଙ୍କ ମରଶରୀର ଗାଁରେ ପହଞ୍ଚିଛି । କୁନା ପରିବାର ପ୍ରତିପୋଷଣ ପାଇଁ ଗତ ୪ମାସ ତଳେ କତାର କାମ କରିବାକୁ ଯାଇଥିଲେ । ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ବାପା ଜୟ ଜଣେ ଦିନ ମଜୁରିଆ । କୁନା କମ୍ପାନୀରୁ କାମ ସାରି ସେ ରହୁଥିବା ଆର୍ଜେଣ୍ଟିନା କ୍ୟାମ୍ପକୁ ଫେରିଥିଲେ । ରାତିରେ ଖାଇ ସାରି ଶୋଇଥିବା ବେଳେ ସକାଳୁ ଆଉ ଉଠି ନଥିଲେ । ରୁମରେ ରହୁଥିବା ସାଥୀ ଶ୍ରମିକ ମେଡିକାଲ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଃଖଦ ଖବର ପହଞ୍ଚିବା ପରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । କୁନାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ସ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ସମୟରେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଲେଶ୍ୱର ପାତ୍ର ଓ ଜିଲ୍ଲା ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା ଉପସ୍ଥିତ ରହି ମୃତକଙ୍କ ପରିବାର ବର୍ଗଙ୍କୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ।

# ବ୍ରହ୍ମପୁରରେ ଶିରିଡ଼ି ସାଇ ବାବାଙ୍କ ଚରଣ ପାଦୁକା ଦର୍ଶନ



**■ ଗୁରୁଜୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଓ ପୂଜାର୍ଚ୍ଚନା**

ବ୍ରହ୍ମପୁର,୧୨।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଶ୍ରୀ ଶିରିଡି ସାଇଙ୍କ ଚରଣ ପାଦୁକା ଦର୍ଶନ ସମାରୋହ ଆୟୋଜିତ ହୋଇଛି । ସିରିଡି ସାଇ ସଂସ୍ଥାର ପ୍ରଶାସନିକ ଅଧିକାରୀ ଅତୁଲ କୁଲକର୍ଣ୍ଣୀ ଓ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ନେତୃତ୍ୱରେ ଶ୍ରୀ ଶିରିଡି ସାଇ ଚରଣ ପାଦୁକା ପୂର୍ବାହ୍ନରେ ଗିରିରୋଡ ସ୍ଥିତ ଗୀତା ଭବନରେ ପହଞ୍ଚିଥିଲା । ସେଠାରେ ପବିତ୍ର ପାଦୁକା ଓ ପୂଜ୍ୟ ଗୁରୁଜୀଙ୍କୁ ଭବ୍ୟ ସ୍ୱାଗତ ଜଣାଇ ଏକ ପଟୁଆରରେ ଚରଣ ପାଦୁକାକୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆକୁ ନିଆଯାଇଥିଲା ।

ସେଠାରେ ଦକ୍ଷିଣଓଡିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସହସ୍ରାଧିକ ଶ୍ରଦ୍ଧାଳୁ ଶ୍ରୀ ଶିରିଡି ସାଇଙ୍କ ଚରଣ ପାଦୁକା ଦର୍ଶନ କରିଥିଲେ । ସମାରୋହ ସ୍ଥଳରେ ହିଞ୍ଜିଳିକାଟୁ ଓ କନିଷିସ୍ଥିତ ବେଦ କର୍ମକାଣ୍ଡ ବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଏହି ଅବସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ ସହ ଭକ୍ତମାନଙ୍କ ପାଇଁ ପ୍ରସାଦ ବିତରଣ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଏସ୍ଏମ୍ଆଇଟି ସଭାପତି ଡ. ଭଗବାନ ଗନ୍ତାୟତ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡି, ବ୍ରହ୍ମପୁର ଅର୍ବାନ୍ ବ୍ୟାଙ୍କ୍ ସଭାପତି ଆର୍. ମୁରଲୀ ମୋହନ, ସୁବାସ ଚନ୍ଦ୍ର ମହାରଣା, କର୍ପୋରେଟର୍ ସୁରେନ୍ଦ୍ର ମହାରଣା, ପ୍ରଦୀପ ଶତପଥୀ, ଅଜୟ ମହାରଣା, ରଜନୀଶ ମିଶ୍ର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଉପସଭାପତି ପ୍ରବୀର କୁମାର ପାତ୍ର, ବିଜୟ କୁମାର ସ୍ୱାଇଁ, କଂଗ୍ରେସ ନେତା ଦୀପକ ପଟ୍ଟନାୟକ, ପ୍ରମୋଦ କୁମାର ଦାଶ, ସମାରୋହର ସଂଯୋଜକ ପବିତ୍ର କୁମାର ପାଣିଗ୍ରାହୀ, ଦୈନିକଆଶା ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଗିରିଜା ଶଙ୍କର ସାହୁ, ପୋଚିଲିମା ସାଇସୁନ୍ଦର ଧାମ କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଶୁକ୍ରବାର ସାଇ ଚରଣ ପାଦୁକା ଦର୍ଶନ ରାତି ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି । ଶିରିଡି ଯାଇ ସାଇଙ୍କ ଦର୍ଶନ କରିପାରୁନଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ନିଜ ସହରରେ ବାବାଙ୍କ ପାଦୁକା ଦର୍ଶନ କରିବାର ସୁଯୋଗ ପାଇ ଆତ୍ମସନ୍ତୋଷ ଲାଭ କରିଛନ୍ତି ।



**● ମହଙ୍ଗା ପଡ଼ିଲା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା**

# ୫୬ ସରକାରୀ କର୍ମଚାରୀଙ୍କୁ ଜରିମାନା

ଛତ୍ରପୁର,୧୨ ।୩(ସମିସ): ଗଞ୍ଜାମ ଜିଲ୍ଲାରେ ବଢୁଥିବା ସଡ଼କ ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ଜିଲ୍ଲାର ସମସ୍ତ କର୍ମଚାରୀ ସଡକ ସୁରକ୍ଷା ନିୟମର କଠୋର ପାଳନ କରିବାକୁ ଜିଲାପାଳ ଭି. କୀର୍ତ୍ତି ଭାସନ ଆହ୍ୱାନ ଦେଇଥିଲେ । ନିୟମ ନମାନିଲେ ମୋଟର ଯାନ ଆଇନ ଅନୁସାରେ ଜରିମାନା, ଦଣ୍ଡ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଓ ଅନ୍ୟାନ୍ୟ ବୈଧ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ସମସ୍ତ ବିଭାଗ ମୁଖ୍ୟମାନେ ନିଜନିଜ କାର୍ଯ୍ୟାଳୟ ପରିସରରେ ଉକ୍ତ ନିର୍ଦ୍ଦେଶାବଳୀକୁ କଠୋରତାର ସହ ପାଳନ କରିବାକୁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା । ଏହା ସତ୍ତ୍ୱେ କିଛି ସରକାରୀ କର୍ମଚାରୀ କାର୍ଯ୍ୟାଳୟକୁ ଆସିବା ସମୟରେ ହେଲମେଟ ପରିଧାନ ନକରି ଆଞ୍ଚଳିକ ବିଭାଗ ପକ୍ଷରୁ ଯାଞ୍ଚରେ ଧରାପଡ଼ି ଜରିମାନା ଦେଇଥିବା ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି । ଯାଞ୍ଚ ସମୟରେ ୫୬ ଜଣ ଧରାପଡ଼ିଥିବା କହିଛନ୍ତି ଆରଟିଓ ।

## କଲେଜ ଫାଟକ ସମ୍ମୁଖରେ ଅଳିଆ ପାହାଡ଼

ଗଞ୍ଜାମ,୧୨ ।୩(ସମିସ): ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରତିଦିନ ବିଭିନ୍ନ ୱାର୍ଡରୁ ସଂଗ୍ରହ କରାଯାଉଥିବା ଅଳିଆ ଆବର୍ଜନାକୁ ଗଞ୍ଜାମ କଲେଜ ଫାଟକ ସମ୍ମୁଖରେ ଟ୍ରାକ୍ଟରରେ ଆଣି ଢଳାଯାଉଛି । ଉକ୍ତ ସ୍ଥାନର ରାସ୍ତାପାର ହେଲେ କଲେଜ ଫାଟକ ରହିଥିବା ବେଳେ ପାଶ୍ୱର୍ରେ ପ୍ରତି ଶନିବାର ସାପ୍ତାହିକ ହାଟ ବସୁଛି । ଉକ୍ତ ଅଳିଆ ଗଦା ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ବେଳେ ହାଟକୁ ଆସୁଥିବା ଲୋକେ ନାକ ଟେକୁଛନ୍ତି । ସେହିପରି କଲେଜକୁ ଆସୁଥିବା ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଉକ୍ତ ରାସ୍ତା ଦେଇ ଯିବାଆସିବା ବେଳେ ନାକ ବନ୍ଦ କରି ଯାଉଛନ୍ତି । ଅନ୍ୟପଟେ ଉକ୍ତ ଅଳିଆ ଗଦାରେ ଏନ୍ଏସି ପକ୍ଷରୁ ନିଆଁ ଲଗାଇ ଦିଆଯାଉଥିବାରୁ ଧୂଆଁରେ ଲୋକେ ଓ ଛାତ୍ରଛାତ୍ରୀ ଅଣନିଶ୍ୱାସୀ ହେଉଛନ୍ତି । ନିଆଁ ଯୋଗୁଁ ଉକ୍ତ ରାସ୍ତା ପାଶ୍ୱର୍ରେ ଲାଗିଥିବା ଅନେକ ଗଛ ଗୁଡିକ ପୋଡି ନଷ୍ଟ ହୋଇଯାଇଛି । ପୂର୍ବତନ କାଉନସିଲର ତଥା ପରିବେଶବିତ ପି. ରାଜୁ ରେଡି ଗଛ ଗୁଡିକର ଯତ୍ନ ନେଇ ବଢ଼ାଇଥିବା ବେଳେ ସେ ଗୁଡିକ ମାରିଦିଆଯାଇଥିବା ଯୋଗୁଁ କ୍ଷୋଭ ପ୍ରକାଶ କରିଛନ୍ତି । ଏନେଇ ସ୍ଥାନୀୟ ବାସିନ୍ଦା ପ୍ରଭାକର ବେହେରା ଏନ୍ଏସିର ଏପରି ବୃକ୍ଷମାରଣ ନୀତିକୁ ଦୃଢ଼ ନିନ୍ଦା କରିଛନ୍ତି । ତେଣୁ ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



# 'ପିଲାଙ୍କ ସ୍ନେହ ଉତ୍ସବ' କାର୍ଯ୍ୟକ୍ରମ



ଛତ୍ରପୁର,୧୨ ।୩(ସମିସ): କୁନି କୁନି ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ଯଶୋଦା ଫାଉଣ୍ଡେସନ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ଛତ୍ରପୁର ବ୍ଲକ ଅନ୍ତର୍ଗତ ନୂଆଁପଲ୍ଲୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟି ସାଗରୀକା ପଣ୍ଡାଙ୍କ ପୌରହିତ୍ୟରେ ଗ୍ରାମର ପିଲାମାନଙ୍କୁ ନେଇ "ପିଲାଙ୍କ ସ୍ନେହ ଉତ୍ସବ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ବେଲୁନ ଫୁଙ୍କା, ସାମୂହିକ କେକ୍ କଟିଙ୍ଗ, ନାଚଗୀତ, କୁଇଜ, ମିଷ୍ଟାନ ଓ କଲମ ବଣ୍ଟନ ସହିତ ଭୋଜିଭାତର ଆସର ହୋଇଥିଲା । ଏଥିରେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦେବାଶିଷ ମିଶ୍ର, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି, ଓଡିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା ଓ ଯୁବ ସାମ୍ବାଦିକ ସନ୍ତୋଷ କୁମାର ସାହୁଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହାସହିତ ଶିଶୁମାନଙ୍କୁ ସୁନାଗରିକ ହେବା ନିମନ୍ତେ ବିଭିନ୍ନ ପ୍ରକାର ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ସାହୁ, ସୁଦେଷ୍ଣା ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

# ସର୍ଟସର୍କିଟରୁ ଜଳିଗଲା ୨ ଏକର ଜମିର ଧାନ

କୋଦଳା,୧୨ ।୩(ସମିସ): ସର୍ଟସର୍କିଟରୁ ନିଆଁ ଲାଗି ଜଳିଗଲା ୨ ଏକର ଜମିର ଧାନ । ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ମର୍ଦ୍ଦମେଖ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଥିବା ଏକ ଚାଷଜମିରେ । କୋଦଳା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା । ଗୁରୁବାର ମଧ୍ୟାହ୍ନରେ ହଠାତ୍ କନ୍ଧିଆ ଗ୍ରାମର ପ୍ରମୋଦ କୁମାର ସ୍ୱାଇଁଙ୍କ ଖଳାରେ ନିଆଁଲାଗି ୨ ଏକର ଜମିର ଧାନ ଜଳିଯାଇଥିଲା । କୋଦଳା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପରିଦର୍ଶନ କରିଛନ୍ତି । କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି କ୍ଷତିଗ୍ରସ୍ତ ଚାଷୀ ପ୍ରମୋଦ କୁମାର ସ୍ୱାଇଁ ।

## ବେଆଇନ ଟଙ୍କା କାରବାର; ଜଣେ ଗିରଫ

ଛତ୍ରପୁର,୧୨ ।୩(ସମିସ): ମ୍ୟୁଲ ଆକାଉଣ୍ଟ ବେନାମୀ ବ୍ୟାଙ୍କ ଖାତା ଖୋଲି ବେଆଇନ ଭାବେ ଟଙ୍କା କରବାର ଅଭିଯୋଗରେ ଗଞ୍ଜାମ ସାଇବର ଥାନା ଜଣକୁ ଗିରଫ କରିଛି । ଗିରଫ ଜଣକ ହେଲେ ଛତ୍ରପୁର ଥାନା ଅଧିନ ଶାନ୍ତିନଗରର ଶିବରାମ ସାହୁ(୨୮) । ଶିବରାମ ନାମରେ ଅଭିଯୋଗ ପରେ ସାଇବର ଥାନା ନଂ.୧/୨୬ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଶିବରମ ବେନାମୀ ବ୍ୟାଙ୍କ ଖାତା ଖୋଲି ୩୦ ଲକ୍ଷ ୯୪ ହଜାର ୪୦୭ ଟଙ୍କା କାରବାର କରିଥିବା ଗଞ୍ଜାମ ସାଇବର ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି । ଘଟଣାର ଅଧିକ ତଦନ୍ତ ଜାରି ରଖିଛି ସାଇବର ପୁଲିସ । ସେହିପରି ଗଞ୍ଜାମ ପୁଲିସ ଜିଲ୍ଲାରେ ଜାରି ରହିଥିବା ସାଇବର କବଚ ଅପରେସନରେ ଛତ୍ରପୁର ପୁଲିସ ମଧ୍ୟ ଜଣେ ମାଷ୍ଟର ମାଇଣ୍ଡ ସାଇବର ଅପରାଧୀକୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଛତ୍ରପୁର ଶୁଭମ ଚୌଧୁରୀ । ତାଙ୍କ ନିକଟରୁ ଗୋଟେ ଫୋନ ଜବତ ସହ ଦୀର୍ଘଦିନ ହେଲା ସେ ଫେରାର ରହିଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ସେହିପରି ଆସିକା ପୁଲିସ ଦୁଇ ଜଣ ମଧ୍ୟସ୍ଥିକୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର ଯୋଗେନ୍ଦ୍ର ବେହେରା ଓ ବେଲଗୁଣ୍ଠା ଅଞ୍ଚଳର ମନୋଜ କୁମାର ବେହେରା । ସେମାନଙ୍କ ଠାରୁ ୨ଟି ମୋବାଇଲ ଫୋନ ଜବତ ହୋଇଛି । ସେମାନେ ୧ବର୍ଷ ମଧ୍ୟରେ ୧୮ ଲକ୍ଷ ଟଙ୍କାର ବେନାମୀ ବ୍ୟାଙ୍କ ଖାତା ଖୋଲି ୧୮ ଲକ୍ଷ ଟଙ୍କା କାରବାର କରିଥିବା ଆସିକା ଥାନା ଅଧିକାରୀ ସୁଧିର ସାହୁ ସୂଚନା ଦେଇଛନ୍ତି ।

## ବିଇଓଙ୍କୁ ପାଚିକା ସହାୟିକାଙ୍କ ଦାବିପତ୍ର



ଧରାକୋଟ,୧୨ ।୩(ସମିସ): ଧରାକୋଟ ବ୍ଲକ ପାଚିକା ଓ ସହାୟିକାଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସନ୍ତା ୧୬ ତାରିଖରେ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ପାଚିକା ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସର୍ବନିମ୍ନ ମଜୁରୀ ବୃଦ୍ଧି, ପ୍ରତି ମାସରେ ଦରମା ପ୍ରଦାନ ଭଳି ଦାବିକୁ ସରକାର କାର୍ଯ୍ୟକାରୀ କରିବାରେ ଟାଳୁଟୁଳୁ ନୀତି ଅବଲମ୍ବନ କରୁଛନ୍ତି । ତେଣୁ ଆସନ୍ତା ୧୬ ତାରିଖ ଦିନ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏନେଇ ବିଇଓଙ୍କୁ ଏକ ଦାବିପତ୍ର ବ୍ଲକ ପ୍ରତିନିଧି ମାନଙ୍କ ତରଫରୁ ବିଇଓ ରମେଶ ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଛି । ଏଣୁ ବ୍ଲକର ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ ପ୍ରଭାବିତ ଆଶଙ୍କା ଦେଖାଦେଇଛି ।

## ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ବନ୍ଧୁମିଳନ



ଗଞ୍ଜାମ,୧୨ ।୩(ସମିସ): ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ତାମ୍ପରା ହ୍ରଦ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଶବର ତରାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ କଳାକାର ମାନେ ଯୋଗଦେଇ ନିକଟ ଅତୀତରେ ପରିବେଷଣ ହୋଇଥିବା ଦୁଇଗୋଟି ସାମାଜିକ ନାଟକର ନିର୍ଦ୍ଦେଶକ ଡ଼ଃ. ଗୌରୀ ଶଙ୍କର ଶତପଥୀ ଓ ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ମାନିତ କରିଥିଲେ । ଗତ ବର୍ଷ ହୋଇଥିବା ନାଟକର ସଫଳତା ସମ୍ପର୍କରେ ଆଲୋଚନା କରିବା ସହ ଆଗାମି ବର୍ଷ ପରିବେଷଣ ନାଟକ କିପରି ଅଧିକ ମନୋରଞ୍ଜନ ଧର୍ମି ହୋଇପାରବ ସେନେଇ ମତ ପ୍ରକାଶ ପାଇଥିଲା । ଉପଦେଷ୍ଟା ସୁଧିର କୁମାର ପାଢ଼ୀ, ଉମାକାନ୍ତ ବେହେରା, ସମ୍ପାଦକ ଅକ୍ଷୟ ସ୍ୱାଇଁ, ନିରଞ୍ଜନ ପରିଡା, ମନୋଜ ପ୍ରଧାନ, ପପୁ ପଣ୍ଡା, ବଳରାମ ମାଳି, ରାକେଶ କୁମାର ନାୟକ, ଉପସ୍ଥାପକ ସୁଧୀର ସାହୁ, ମିଥୁନ ବାରିକି, ଅସ୍ମିତ ପଣ୍ଡା, ମନୋରଞ୍ଜନ ଜେନା, କାର୍ତ୍ତିକ ତରେଇ, ରାକେଶ କୁମାର ନାୟକ, ବିଭୁ ପଲଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆଇଜର କ୍ୟାମ୍ପସ୍‌ରେ ଚାଲିଥିବା କାର୍ଯ୍ୟର ସମୀକ୍ଷା

**ନିର୍ଦ୍ଧାରିତ ସମୟରେ ସାରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ**



ଛତ୍ରପୁର,୧୨ ।୩(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର) କ୍ୟାମ୍ପସରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ସ୍ଥାନୀୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କ୍ୟାମ୍ପସ୍ ବିସ୍ତାର ପାଇଁ ଅତିରିକ୍ତ ଜମି ଆବଶ୍ୟକତା, କ୍ୟାମ୍ପସ୍ ଉପରେ ସିଆରଜେଡ୍ ଅଞ୍ଚଳର ପ୍ରଭାବ, ପୂର୍ତ୍ତ ବିଭାଗ ପକ୍ଷରୁ ଆଇଜର୍ ମୁଖ୍ୟ ପ୍ରବେଶ ଦ୍ୱାର ସମ୍ମୁଖରେ ଥିବା ରାସ୍ତାକୁ ପ୍ରଶସ୍ତ କରିବା, ଅବୈଧ ଦଖଲ ହଟାଇବା, ଗୋଳାବନ୍ଧରୁ ଆଇଜର ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ତିଆରି କରିବା, ଜାତୀୟ ରାଜପଥ ୧୬ର କନିସି ଓ ଡୁମଡୁମି ନିକଟରେ ସାଇନେଜ ଲଗାଇବା, କନିସି ରାସ୍ତାର ପାଶ୍ୱର୍ରେ ଥିବା ଅଚଳ ବିଦ୍ୟୁତ୍ ଖୁଣ୍ଟି ଗୁଡିକର ଅପସାରଣ, ରାସ୍ତା ପ୍ରଶସ୍ତ କରିବାରେ ବାଧା ସୃଷ୍ଟି କରୁଥିବା ବିଦ୍ୟୁତ୍ ଖୁଣ୍ଟିର ସ୍ଥାନାନ୍ତରଣ, ଷ୍ଟ୍ରିଟ୍ ଲାଇଟ୍ ଓ ଲ୍ୟାମ୍ପ ପୋଷ୍ଟ ସ୍ଥାପନ, ୱାଟକୋ ପକ୍ଷରୁ ପାଇପ୍‌ଲାଇନ୍‌ର ନିୟମିତ ରକ୍ଷାବେକ୍ଷଣ ଓ ସୁରକ୍ଷା, ଆପାତକାଳୀନ ମରାମତି ପାଇଁ ଅତିରିକ୍ତ ପାଇପ୍‌ଲାଇନ୍ ବ୍ୟବସ୍ଥା ଭଳି ସମସ୍ତ ବିଷୟରେ ସମୀକ୍ଷା କରାଯାଇଥିଲା । ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ଓ ସଠିକ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ ଗାଙ୍ଗୁଲି, ରେଜିଷ୍ଟ୍ରାର ପି କେ ରାୟ, ଅଧିକ୍ଷଣ ଯନ୍ତ୍ରୀ ଇଂ ଜଗନ୍ନାଥ ପାତ୍ର, ଇଂ ସଞ୍ଜୟ ମାଝୀ, ଡେପୁଟି ରେଜିଷ୍ଟ୍ରାର ଶକ୍ତି ରଞ୍ଜନ ପାତ୍ର, ପ୍ରଫେସର ପି ମଣ୍ଡଳ, ଡ଼ଃ ବୋଧିସତ୍ୱ ନନ୍ଦୀ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

# 'ରିଲ୍' ପାଇଁ 'ରିଅଲ୍' ଗୁଣ୍ଡାଗିରି; ପୁଲିସ ସ୍କାନର୍‌ରେ 'ରକି' ଭାଇ

**● ଖଣ୍ଡାଧରି ଯୁବଗୋଷ୍ଠୀ କରୁଛନ୍ତି ଭିଡିଓ ସୁଟ**

**● ଖବ୍‌ରୀ ପାଲଟିଛନ୍ତି ନୂଆ ଅପରାଧୀ; ପୁଲିସ ପକ୍ଷରୁ 'ଗୁଣ୍ଡା ପରେଡ୍' ଆରମ୍ଭ**

ବ୍ରହ୍ମପୁର,୧୨ ।୩(ସମିସ)

ଆଇନଶୃଙ୍ଖଳା ନିୟନ୍ତ୍ରଣ ସହ ଅପରାଧିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଡ୍ରାଇଭ 'ଖୋଜ୍' । ଆଉ ଏହି ଡ୍ରାଇଭରେ ବ୍ରହ୍ମପୁର ପୁଲିସ ଜିଲ୍ଲା ଅଧିନସ୍ଥ ବଡ଼ବଜାର, ସଦର, ନିମଖଣ୍ଡି, ଦିଗପହଣ୍ଡି, ଗୋଷାଣୀନୁଆଗାଁ ଓ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୫ରୁ ଅଧିକ ଅପରାଧୀଙ୍କୁ ଗିରଫ କରାଯାଇଥିଲା । ଏପରିକି ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୪ରୁ ଊର୍ଦ୍ଧ୍ୱ ପିସ୍ତଲ, ୫୦ରାଉଣ୍ଡରୁ ଊର୍ଦ୍ଧ୍ୱ ଗୁଳି ସମେତ ବୋମା ଓ ଖଣ୍ଡା ଆଦି ପୁଲିସ ଜବତ କରିଥିଲା । ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଅପରାଧୀମାନେ ଏବେ ବିଭିନ୍ନ ମାରଣାସ୍ତ୍ର ସହିତ ସଜ୍ଜିତ ହୋଇ ରାତିରେ ବୁଲୁଥିବା ଦେଖିବାକୁ ମିଳୁଛି । ତେଲୁଗୁ ଫିଲ୍ମ ଷ୍ଟାଇଲ୍‌ରେ ଖଣ୍ଡା ଓ ବନ୍ଧୁକ ଧରି ବିଟ୍ ରାସ୍ତାରେ ଖୁଲମଖୁଲ୍ଲା ବିଚରଣ କରୁଛନ୍ତି ଅପରାଧୀ । ସେଥିମଧ୍ୟରୁ କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଅନ୍ୟପକ୍ଷରେ 'ରକି ଭାଇ' ନାମକ ଜଣେ ଯୁବକ ଇନ୍‌ଷ୍ଟାଗ୍ରାମରେ ବନ୍ଧୁକ ଧରି ଫଟୋ ପୋଷ୍ଟ କରିଥିବା ସୋସିଆଲ ମିଡ଼ିଆରୁ ଜଣାପଡ଼ିବା ପରେ ବ୍ରହ୍ମପୁର ପୁଲିସର ସ୍କାନରରେ ରକି ଭାଇ ରହିଥିବା ଜଣାପଡ଼ିଛି । ରକିକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି । ସେପଟେ ବହୁ ଯୁବକ ଓ ନାବାଳକ ମିଶି ରିଲ୍ ପାଇଁ ଭିଡିଓ ସୁଟ କରିବା ସହ ମସ୍ତି କରିବା ସହିତ ପୁଲିସ ପାଟ୍ରୋଲିଂକୁ ଖୋଲା ଚାଲେଞ୍ଜ ଦେଇ ସୋସିଆଲ ମିଡିଆରେ ମାତିଛନ୍ତି ନୂଆ ଅପରାଧୀ । ବନ୍ଧୁକ, ଧାରୁଆ ଅସ୍ତ୍ର ଧରି ରାଜରାସ୍ତାରେ ନାଚଗୀତରେ ମସଗୁଲ ଅପରାଧୀ ପୁଲିସକୁ ଖୋଲାଖୋଲି ଚାଲେଞ୍ଜ ଦେଇ ଚାଲିଛନ୍ତି । ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଏବେ ଯୁବଗୋଷ୍ଠୀ ରିଲ୍ ପାଇଁ କାହାକୁ ଗାଳି କରୁଛନ୍ତି ତ କାହାକୁ ଧମକ ମଧ୍ୟ ଦେବାକୁ ପଛାଉ ନାହାନ୍ତି । ଏପରିକି କିଛି ଜେଲ ଫେରନ୍ତାଙ୍କୁ ମଧ୍ୟ ଗାଳିଗୁଲଜ ଅଥବା ଆହ୍ୱାନ ଦେଇ ଭିଡ଼ିଓ ଇନ୍‌ଷ୍ଟାରେ ଅପଲୋଡ କରୁଛନ୍ତି । ତେବେ ଏହି ଗୋଷ୍ଠୀ ପଛରେ ସହରର ଅପରାଧୀ ଓ ନେତାଙ୍କ ପ୍ରସ୍ରନ୍ନ ହାତ ରହିଥିବା ଅଭିଯୋଗ ହୋଇଛି । ସେପଟେ ପୁଲିସର ନିକଟତର ହେବାକୁ ଖବରି ପାଲଟିଛନ୍ତି ସହରର ନୂଆ ଓ ପୁରୁଣା ଅପରାଧୀ । ସେମାନଙ୍କ ଠାରୁ ପୁଲିସ ବହୁ ତଥ୍ୟ ମଧ୍ୟ ହାସଲ କରୁଛି । ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କଲେ ତାର ବିରୋଧୀ ଗୋଷ୍ଠୀର କିଛି ଯୁବକଙ୍କ ନାମ ହାସଲ କରିବାରେ ପୁଲିସକୁ ସୁବିଧା ହେଉଛି । ଏଭଳି ସ୍ଥିତିରେ ବ୍ରହ୍ମପୁର ପୁଲିସ ପକ୍ଷରୁ ପୁଣି ଥରେ ଗୁଣ୍ଡା ପରେଡ ଆରମ୍ଭ ହୋଇଛି । ବଡ଼ବଜାର ଥାନା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଗୁଣ୍ଡା ପରେଡ ସହରର ସମସ୍ତ ଥାନାରେ ପ୍ରତି ରବିବାର କରାଯିବ ବୋଲି ସୂଚନା ମିଳିଛି ।

## ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳନ

# ଗଞ୍ଜାମ ମହିଳା ବିଜେଡି ପକ୍ଷରୁ ମେଗା ମହିଳା ସମାବେଶ





- ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ସଶକ୍ତ କରିଛି ବିଜେଡି, ବିଜେପି ସରକାରରେ ନିର୍ଯାତିତ
- ସମାବେଶରେ ସାମିଲ ହେଲେ ହଜାର ହଜାର ମହିଳା, ପ୍ରତିଷ୍ଠିତ ମହିଳାଙ୍କୁ ସମ୍ବର୍ଦ୍ଧିତ

**ବ୍ରହ୍ମପୁର,୧୨ ।୩(ସମିସ):** ରାଜ୍ୟରେ ବିଜେପି ନେତୃତ୍ୱାଧିନ ତଥା ଡବଲ ଇଂଜିନ ସରକାରରେ ମହିଳା ଅସୁରକ୍ଷିତ ଓ ନିର୍ଯାତିତ। ନିର୍ବାଚନ ସମୟରେ ବିଭିନ୍ନ ପ୍ରକାରର ଲୋଭ ଓ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ବିଜେପି ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ କେବଳ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ନାରୀ ଜାତି ସଚେତନ ଆଉ ବର୍ତ୍ତମାନ ନିଜର ସମ୍ମାନ ଓ ନ୍ୟାୟ ପାଇଁ ଅଣ୍ଟା ଭିଡ଼ିଲେଣି। ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରବଞ୍ଚନା କରିଥିବା ବିଜେପି ସରକାରକୁ ପୁଣି ୨୪ବର୍ଷର ବନବାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ମତ ଦେଇଛନ୍ତି ବ୍ରହ୍ମପୁର ଠାରେ ଆୟୋଜିତ ବିଶାଳ ମହିଳା ସମାବେଶରେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପ୍ରଥମେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବା ବେଳେ ତାଙ୍କ ସୁପୁତ୍ର ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଉ ପାଦେ ଆଗକୁ ଯାଇ ନିର୍ବାଚନ ବା ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପାଇଁ ଶତକଡା ୫୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରି ମହିଳାଙ୍କୁ ଅଗ୍ରାଧିକାର ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ସରକାର ବଦଳିବା ସହିତ ସମାଜରେ ମହିଳାଙ୍କ ସ୍ଥିତି ଦୋହଲି ଯାଇଛି। ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ବର୍ତ୍ତମାନ ସମସ୍ତେ ସଚେତନ। ଆଗାମୀ ଦିନରେ ନିଜର ସୁରକ୍ଷା, ସମ୍ମାନ, ଅଧିକାର ଓ ନ୍ୟାୟ ପାଇଁ ଏକାଠି ହୋଇ ଲଢିବାର ସମୟ ଆସିଛି ବୋଲି ଆୟୋଜିତ ମହିଳା ସମାବେଶରେ ଉପସ୍ଥିତ ରାଜ୍ୟ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ୧୮ ମାସର ସରକାରରେ ୫୦ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯ୍ୟାତିତ ହୋଇଥିବା ବେଳେ ୪ହଜାରରୁ ଉଦ୍ଧ୍ୱର୍ ଦୁଷ୍କର୍ମର ଶୀକାର ହୋଇଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଗଞ୍ଜାମ କଳା ପରିଷଦର କବିସୂର୍ଯ୍ୟ ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି ସମାବେଶରେ ଗଞ୍ଜାମ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ତଥା ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ସଭାପତିତ୍ୱ କରିଥିଲେ। ସମାବେଶରେ ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାଶ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ପରିଷଦର ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ସାଂସଦ ପ୍ରାର୍ଥୀନି ରଂଜିତା ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଜୋନ ସଭାନେତ୍ରୀ ମମତା ବିଶୋୟୀ ଓ ମହାନଗର ବିଜେଡି ମହିଳା ସଭାନେତ୍ରୀ ତଥା କର୍ପୋରେଟର ସୋନାଲି ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡି ଉପସଭାପତି ଭୀମସେନ ଦଳାଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଡଃ ଭଗବାନ ଗନ୍ତାୟତ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାଷ ବେହେରା, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧକ୍ଷ ସୁବାଷ ମହାରଣା, ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ତଥା ପୂର୍ବତନ କର୍ପୋରେଟର ଆର. ମୂରଲୀ ମୋହନ, ଅନୀଲ ସାହୁ, ଜଗନ୍ନାଥ ସାବତଙ୍କ ସମେତ ବହୁ କର୍ପୋରେଟର, ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାଙ୍କୁ ଗଞ୍ଜାମ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଲରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୨ ।୩(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ଭାବିନାରାୟଣପୁର ଗ୍ରାମର ବିଲ ମଧ୍ୟରୁ ଏକ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲେ ବ୍ରହ୍ମପୁର ଗେଟବଜାର ଅଂଚଳର ସୁବାଷ ନାୟକ ଏବଂ ବୟସ ପ୍ରାୟ (୬୦) ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ମୃତ ସୁବାଷ ଭାବିନାରାୟଣପୁର ଗ୍ରାମର କେ.ସୋମେୟା ଘରେ ଦୀର୍ଘ ୨ବର୍ଷ ଧରି କାମ କରି ଆସୁଥିଲେ। ଗତକାଲି ରାତ୍ର ପ୍ରାୟ ୮ଟା ସମୟରେ ସୋମେୟା ତାଙ୍କ ଫୋନ ମାଧ୍ୟମରେ ମୃତ ସୁବାଙ୍କ ପତ୍ନୀକୁ ସୁବାଷ ବିଲରେ ମରି ପଡ଼ିଥିବା ଜଣାଇଥିଲେ। ପତ୍ନୀ ବାସନ୍ତୀ ସେଠାରେ ପହଞ୍ଚି ଦେଖିବା ବେଳେ ସ୍ୱାମୀ ମୁହଁ ମାଡ଼ି ପଡ଼ିଥିବା ଦେଖି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୮/୨୬ରେ ଅପମୃତ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ଜଣାପଡିଛି।

## ଯୁବତୀଙ୍କୁ ପ୍ରତାରଣା; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୨ ।୩(ସମିସ):** ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ପ୍ରତାରଣା କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅନ୍ତର୍ଗତ



ସୁକୁଣ୍ଡା ଗ୍ରାମର କାଳିଆ ସାହୁ(୨୧)। ଗୁରୁବାର ଉଭୟ ପିଡ଼ିତା ଓ ଅଭିଯୁକ୍ତ କାଳିଆ'ଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତବର୍ଷ ଦଣ୍ଡଯାତ୍ରା ବେଳେ କାଳିଆ ସାହୁ ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିଭିନ୍ନ ପ୍ରତିଶୃତି ଦେଇ ଯୁବକ ଜଣକ ଯୁବତୀଙ୍କ ଇଚ୍ଛା ବିରୋଧରେ ବିଭିନ୍ନ ସ୍ଥାନକୁ ନେଇ ଦୁଷ୍କର୍ମ କରି ଆସୁଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ଜାଣି କାଳିଆଙ୍କୁ ବିବାହ କରିବାକୁ ବଧ କରିଥିଲେ। ଯୁବତୀ ଜଣକ ହରିଜନ ସମ୍ପ୍ରଦାୟର ହୋଇଥିବା ବେଳେ କାଳିଆ ତାଙ୍କୁ ଜାତିକୁ ନେଇ ଆକ୍ଷେପ କରିବା ସହ ବିବାହ କରିବେ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ପ୍ରତାରଣାର ଶିକାର ହେବା ଜାଣିବା ପରେ ପିଡ଼ିତା ଜଣକ ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ପିଡ଼ିତାଙ୍କ ବୟାନ ଆଧାରରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି।

## ଏ. ସସ୍ୟ ରେଡ୍ଡୀ ବିଏମ୍‌ସିର ନୂତନ କମିଶନର

**ବ୍ରହ୍ମପୁର,୧୨ ।୩(ସମିସ):** ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କମିଶନର ତଥା ବିଡିଏ ଉପାଧକ୍ଷ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ୨୦୨୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତଥା ଜୟପୁର ଉପଜିଲ୍ଲାପାଳ ଏ. ସସ୍ୟ ରେଡ୍ଡୀଙ୍କୁ ବିଏମ୍‌ସିର



ନୂତନ କମିଶନର ଭାବେ ଅବସ୍ଥାପିତ କରାଯାଇଛି। ଏଥି ସହିତ ତାଙ୍କୁ ବିଡିଏ ଉପାଧକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ମଧ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରାଜେଶିର୍କେଙ୍କୁ ଗତ ଜୁନ୍ ମାସରେ ବିଏମ୍‌ସି କମିଶନର ଭାବେ ନିଯୁକ୍ତି ମିଳିଥିଲା। ସେ ବିଏମ୍‌ସିରେ ଯୋଗଦେବା ପରେ ବହୁ ପଦକ୍ଷେପ ହାତକୁ ନେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥିଲେ। ସହରବାସୀଙ୍କୁ ନାଗରିକ କୈନ୍ଦ୍ରିକ ସେବା ଯୋଗାଇବାରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ।

## କଣ୍ଟେନର ସହ ୨ କାର୍‌ରୁ ୧୧୧ କିଲୋ ଗଞ୍ଜେଇ ଜବତ; ୫ଗିରଫ



**ବ୍ରହ୍ମପୁର,୧୨ ।୩(ସମିସ):** ଗଜପତିରୁ ତାମିଲନାଡୁ ଭାୟା ବ୍ରହ୍ମପୁର ହୋଇ କଣ୍ଟେନରରେ ଯାଉଥିଲା ଗଞ୍ଜେଇ। ଏହାକୁ କାବୁ କରିବା ସହ ଗଞ୍ଜେଇ ଚାଲାଣ ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି ଅବକାରୀ ଗୁଇନ୍ଦା ବିଭାଗ। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲ୍ଲା ନୁତନଗଡ଼ ଗ୍ରାମର ଗଞ୍ଜେଇ ବ୍ୟବସାୟୀ ପ୍ରେରିତ ପାଣି(୫୭) ଓ ପ୍ରଫୁଲ୍ଲ କରାଡ(୩୪), ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନଙ୍ଗପୁର ଗ୍ରାମର ବି.ଶିବରାମ ରେଡ୍ଡୀ (୩୮) ଓ ପି. ଶିବା ରେଡ୍ଡୀ (୩୩) ଓ ତିରିଭାନ୍ନାମଲାଇ ଜିଲ୍ଲା ପୁନ୍ନୁର ଥାନା ଅନ୍ତର୍ଗତ କିଲପୁଥୁର ଗ୍ରାମର ଆରିମୁଥୁ ପାଚିୟାପ୍ପାନ୍(୪୦)।

ସୂଚନାଯୋଗ୍ୟ ଯେ, ଗଜପତି ଜିଲ୍ଲାରୁ ତାମିଲନାଡୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ବିଭାଗୀୟ ଟିମ୍ ଗୋଲନ୍ଥରା ଥାନା ଅନ୍ତର୍ଗତ ସୁରଳ ଛକରେ ଯାଞ୍ଚ ବେଳେ କଣ୍ଟେନର ଓ ଏକ କାରରୁ ୭୫କିଲୋ ଗଞ୍ଜେଇ ଜବତ କରିଥିଲା। ଏଥିରେ ଡ୍ରାଇଭର ଆରିମୁଥୁ ପାଚିୟାପ୍ପାନ୍, ଗଞ୍ଜେଇ ବ୍ୟବସାୟୀ ପ୍ରେରିତ ପାଣି ଓ ବ୍ୟବସାୟୀ ବି.ଶିବରାମ ରେଡିଙ୍କୁ ଗିରଫ କରିଥିବା ବେଳେ କନିଷି ଛକ ନିକଟରୁ ଆଉ ଏକ କାର୍ ଯୋଗ ଗଞ୍ଜେଇ ଆସୁଥିବା ସୂଚନା ପାଇ ସମ୍ପୃକ୍ତ କାରକୁ ମଧ ଜବତ କରିଥିଲା ଅବକାରୀ ଗୁଇନ୍ଦା ବିଭାଗ। ଏଥିରେ ପି. ଶିବା ରେଡ୍ଡୀ ଓ ପ୍ରଫୁଲ କରାଡ଼ଙ୍କୁ ପୁଲିସ ଗିରଫ କରିଥିଲା। ଏହି ମାରୁତି କାରକୁ ଏସ୍କର୍ଟ କରି ନେଉଥିବା ଏକ ବାଇକ ଚାଳକକୁ ଅବକାରୀ ଟିମ ଅଟକାଇ ଯାଞ୍ଚ ପରେ ସେମାନେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଜଣାପଡିଥିଲା। ଦୁଇଟି ଜରି ବସ୍ତାରୁ ମୋଟ ୩୬କିଲୋ ଗଞ୍ଜେଇ ଜବତ ହୋଇଥିଲା। କଣ୍ଟେନର ସହ ଦୁଇଟି କାରରୁ ମୋଟ ୧୧୧କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ

**ଜବତ ଗଞ୍ଜେଇ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୭୦ଲକ୍ଷ**

ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ଗୁଇନ୍ଦା ବିଭାଗ ୫ଜଣଙ୍କୁ ଗିରଫ କରିଛି। ତାମିଲନାଡୁରୁ କେକ୍ ଧରି ଭୁବନେଶ୍ୱରକୁ ଏହି କଣ୍ଟେନର ଆସିଥିବା ବେଳେ ତାମିଲନାଡୁକୁ ଫେରିବା ବେଳେ ଗଜପତି ଜିଲ୍ଲାରୁ ଗଞ୍ଜେଇ ଭର୍ତ୍ତି କରି କଣ୍ଟେନର ଯାଉଥିଲା। ଗଜପତି ଜିଲ୍ଲାରୁ ଯିଏ ଗଞ୍ଜେଇ ଚାଲାଣ କରୁଥିଲା ତାହାକୁ ଗିରଫ କରାଯାଇଥିବା ବେଳେ ତାମିଲନାଡୁର କାହା ପାଖକୁ ଗଞ୍ଜେଇ ଯାଉଥିଲା ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ଅବକାରୀ ଗୁଇନ୍ଦା ବିଭାଗର ଦକ୍ଷିଣାଞ୍ଚଳ ଅଧିକ୍ଷକ ସ୍ମୃତିକାନ୍ତ ରାଉତ। ଜବତ ଗଞ୍ଜେଇ ଓ ଗାଡିର ଆନୁମାନିକ ମୂଲ୍ୟ ୭୦ଲକ୍ଷ ହେବ ଶ୍ରୀରାଉତ ସୂଚନା ଦେଇଛନ୍ତି। ଚଢ଼ଉରେ ଇନ୍ସପେକ୍ଟର ନାରାୟଣ ଜେନା, ସବଇନ୍ସପେକ୍ଟର ସୁଶ୍ରୀ ସଙ୍ଗୀତା ମହାପାତ୍ର, ନର୍ମତା ନାହାକ, ଏଏସଆଇ ବି.କେ. ବିନ୍ଧାଣୀ, ସରୋଜ ବେହେରା, ବଳରାମ ସ୍ୱାଇଁ, ବଳରାମ ଜେନା, ସୁବ୍ରତ ବେହେରା, ପରେଶ ବେହେରା ଓ ଭଗବାନ ହେମ୍ବ୍ରମ୍ ପ୍ରମୁଖ ସାମିଲ ଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା; ଅଧ୍ୟାପକ ଗିରଫ

**ବ୍ରହ୍ମପୁର,୧୨ ।୩(ସମିସ):** ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା ଅଭିଯୋଗରେ ଜଣେ ଅଧ୍ୟାପକଙ୍କୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଛି। ଗିରଫ ଅଧ୍ୟାପକ ହେଲେ କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ସୁଜତ୍ କନ୍ଧ(୩୦)। ସେ ବ୍ରହ୍ମପୁରର ଏକ ସରକାରୀ କନିଷ୍ଠ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ସଂପୃକ୍ତ ଯୁବତୀଙ୍କର ସେ ୪ଥର ଗର୍ଭ ନଷ୍ଟ କରାଇଥିବା ଅଭିଯୋଗ ରହିଛି। ଆଜି ଅଧ୍ୟାପକ କନ୍ଧଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁରରେ ରହି ଏକ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟରତ କନ୍ଧମାଳ ଜିଲ୍ଲାର ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ସୁଜତ୍ ୪ବର୍ଷ ଧରି ସମ୍ପର୍କରେ ଥିଲେ। ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନକୁ ବୁଲାଇନେବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଯୁବତୀଙ୍କ ଠାରୁ ୨ଲକ୍ଷ ନଗଦ ଟଙ୍କା ସହ ବିଭିନ୍ନ ସମୟରେ ସୁନାଚେନ ଓ ମୁଦି ମଧ୍ୟ ନେଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ବିବାହ କଥା କହିଲେ ଦିନ ଗଡ଼ାଉଥିଲେ। ତେବେ ୧୦ଦିନ ପୂର୍ବେ ସୁଜତ ବିବାହ କରିବେ ନାହିଁ ବୋଲି ମନା କରି ଦେଇଥିଲେ। ଯୁବତୀଙ୍କ ଜଣକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏପରିକି ସୁଜତ ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଯୁବତୀ। ପ୍ରତାରଣାର ଶିକାର ହେବା ପରେ ଯୁବତୀ ଜଣକ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସୁଜତଙ୍କୁ କଲେଜରୁ କାବୁ କରିଥିଲା।

## ୫୭ କିଲୋ ଗଞ୍ଜେଇ ଜବତ; ୪ ଗିରଫ



**ବ୍ରହ୍ମପୁର,୧୨ ।୩(ସମିସ):** ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାଚାଲାଣ ବେଳେ ବ୍ରହ୍ମପୁରରେ ମାଡିବସିଲା ପୁଲିସ। ଗୋପାଳପୁର ଥାନା ପୁଲିସ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ୫୭କିଲୋ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହାଇଦ୍ରାବାଦର ତିରୁପତି ନାୟକ, ଗଜପତି ଜିଲ୍ଲା ମୋହନା ଅଂଚଳର ଅଜିତ ଲିମା, ମହାରାଷ୍ଟ୍ରର ସଚିନ ସୁବାଷ ବାଙ୍ଗାଲ ଓ ଗୋବିନ୍ଦ ଭିକୁ ପାଟିଲ ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ଆଜି ସକାଳେ ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା କୌଣସି ସୂତ୍ରରୁ ଛତ୍ରପୁରରୁ ଆନ୍ଧ୍ର ଅଭିମୁଖେ ଏକ କାର ନମ୍ବର ଟିଏସ ୦୭ ଏଚ୍‌ଡ଼ବ୍ଲୁ ୪୫୧୪ରେଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଭବାନୀ ଶଙ୍କର ନାୟକ ଓ ଟିମ ଜାତୀୟ ରାଜପଥରେ ଯାଞ୍ଚ କରୁଥିବା ସମୟରେ ଏହି କାରଟି ପୁଲିସକୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲା। ତେବେ ଏକ ଗାଡ଼ି ସୋ ରୁମ ନିକଟରେ ଉକ୍ତ କାରକୁ କାବୁ କରି ଯାଞ୍ଚ ବେଳେ ସେଥିରେ ଥିବା ୩ଟି ବସ୍ତାରେ ଗଞ୍ଜେଇ ଥିବା ଦେଖି ଗୋପାଳପୁର ଥାନାକୁ ଆଣି ପଚରା ଉଚରା କରାଯାଇଥିଲା। ପରେ କନିସି ତସିଲଦାର ତଥା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କବିରାଜ ପ୍ରଧାନଙ୍କ ଉପସ୍ଥିତିରେ ସେମାନଙ୍କ ନିକଟରୁ ୫୭କିଲୋ ଗଞ୍ଜେଇ ଜବତ କରିବା ସହ ଏକ କାର, ୫ଟି ମୋବାଇଲ, ନଗଦ ୨ହଜାର ୫ଶହ ଟଙ୍କା ଜବତ କରି ପୁଲିସ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

## ପୀତବାସ ପଣ୍ଡା ହତ୍ୟା ମାମଲା

# ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ଶେଷ; ୨୦ରେ ରାୟ

**ବ୍ରହ୍ମପୁର,୧୨ ।୩(ସମିସ):** ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ଦ୍ୱିତୀୟ) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଆଜି ପୁଣି ପିତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ହୋଇଛି। ଘଟଣାରେ ଗିରଫ ୫ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଆଜି ଦୀର୍ଘ ଦୁଇ ଘଣ୍ଟାରୁ ଉଦ୍ଧ୍ୱର୍କାଳ ଧରି ଉଭୟ ପକ୍ଷ ମଧ୍ୟରେ ଯୁକ୍ତି ହୋଇଥିଲା। ଦୁଇ ବିହାରୀ କୁନ୍ଦନ କୁମାର ଓ ଶିଶୁପାଳ ପାଶୱାନଙ୍କ ସମେତ ସୀମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଦୁଇ ଯୁବ ଆଇନଜୀବୀ ଚକ୍ରପାଣି ନାହାକ ଓ ଆଶ୍ରିତ ବେହେରା ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଶୁଣାଣି ବେଳେ ଖାସ କରି ୪ଅଭିଯୁକ୍ତଙ୍କୁ କେଉଁ କାରଣରୁ ଗିରଫ କରାଯାଇଛି ଓ ମାମଲାର ମେରିଟ କ'ଣ ତାହା ଉପରେ ଉଭୟ ପକ୍ଷ ନିଜନିଜ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲାରେ ସରକାରଙ୍କ ପକ୍ଷରୁ ନିୟୋଜିତ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ମୋକଦ୍ଦମା ପରିଚାଳନା କରିଥିଲେ। ମାମଲାରେ ଗିରଫ ହୋଇଥିବା ଶିଶୁପାଳ ପାଶୱାନଙ୍କ ମୋବାଇଲ ନମ୍ବର ୭୫୪୪୦୦୭୮୧୯ ବୋଲି ପୁଲିସ ପକ୍ଷରୁ ଦର୍ଶାଯାଇଥିବା ବେଳେ ଉକ୍ତ ନମ୍ବର ଜନୈକ ସିକନ୍ଦର କୁମାରଙ୍କ ନାମରେ ଥିବା ଶିଶୁପାଳଙ୍କ ଓକିଲ କୋର୍ଟକୁ ଦର୍ଶାଇଛନ୍ତି। ସେହିଭଳି ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ସେପ୍ଟେମ୍ବର ୧୦ରୁ ୧୪ ତାରିଖ ଦୀର୍ଘ ୫ଦିନ ଧରି ସୁପାରି କିଲର ଓ ଟିମ ବ୍ରହ୍ମପୁରରେ ରେକି କରିଥିବା କୁହାଯାଇଥିବା ବେଳେ ୧୨ତାରିଖରେ ଗୋଇଲୁଣ୍ଡି ଠାରୁ କର୍ପୋରେସନ ରୋଡରେ ମାତ୍ର ୩୦ମିନିଟ ଏବଂ ୧୪ତାରିଖରେ ଇଂଜିନିୟରିଂ ସ୍କୁଲ ଛକ ଠାରୁ ନୂଆ ବସଷ୍ଟାଣ୍ଡ ମଧ୍ୟରେ ମାତ୍ର ୧୫ରୁ ୨୦ମିନିଟ ରେକି ହୋଇଥିବାର ପୁଲିସ ସିସିଟିଭି ଫୁଟେଜ କୋର୍ଟରେ ଦାଖଲ କରିଥିବା ଅଭିଯୁକ୍ତଙ୍କ ଓକିଲ ଯୁକ୍ତି ବାଢ଼ିଛନ୍ତି। ସବୁଠାରୁ ବଡକଥା ହେଲା ଶିଶୁପାଳ ପାଶୱାନଙ୍କ ଯେଉଁ ମୋବାଇ ନମ୍ବର ପୁଲିସ ଦେଖାଇଛି ବା ଜବତ କରିଛି ତାହା ୧୪ତାରିଖ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଭଦ୍ରକ ଲୋକେସନରେ ଥିବା ସିଡିଆର ରିପୋର୍ଟ ଦର୍ଶାଉଥିବା ଅଭିଯୁକ୍ତଙ୍କ ଓକିଲ କୋର୍ଟକୁ ଦର୍ଶାଇଛନ୍ତି। ଏଥି ସହିତ ଯେକୌଣସି ଅଭିଯୁକ୍ତଙ୍କୁ ଗିରଫ ସମୟରେ ଅଭିଯୁକ୍ତଙ୍କୁ ଗିରଫର କାରଣ ଲିଖିତ ଭାବେ ଜଣାଇବା ଜରୁରୀ ଥିବାବେଳେ ଅଭିଯୁକ୍ତଙ୍କୁ ନହେଲେ ମଧ ତାଙ୍କ ପରିବାର ବର୍ଗଙ୍କୁ ଜଣାଇବା ମଧ ଜରୁରୀ ବୋଲି ଅଭିଯୁକ୍ତଙ୍କ ଓକିଲ ଯୁକ୍ତି ବାଢିଛନ୍ତି। ଯାହା ପୁଲିସ ପକ୍ଷରୁ ଅନୁପାଳନ କରାଯାଇନଥିବା କୁହାଯାଇଛି।

ଅଭିଯୁକ୍ତଙ୍କ ପକ୍ଷରୁ ଅଦାଲତରେ ଏଭଳି ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ଭିତ୍ତିକ ଯୁକ୍ତି ଉପସ୍ଥାପନ ସହିତ ବିଭିନ୍ନ ମାମଲାର ରାୟକୁ ମଧ ଦର୍ଶାଯାଇଥିଲା। ତେବେ ଅଭିଯୁକ୍ତଙ୍କ ପକ୍ଷରୁ ଯେତେସବୁ ତଥ୍ୟ ଓ ଦଲିଲ ଭିତ୍ତିକ ଯୁକ୍ତି ଉପସ୍ଥାପନା କରାଯାଇଥିଲା ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ପିପି ବିଭିନ୍ନ ରାୟ ଦର୍ଶାଇ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଦୃଢ ବିରୋଧ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଚକ୍ରପାଣି ନାହକ ଓ ଆଶ୍ରିତ ବେହେରାଙ୍କୁ ଯୁବ ଆଇନଜୀବୀ ଦୁର୍ଗା ପ୍ରସାଦ ପଟ୍ଟନାୟକ, ଶିବ ପ୍ରସାଦ ପାଢୀ, ନାରାୟଣ ପ୍ରଧାନ, ସୁବ୍ରତ ବକ୍ସି ପଟ୍ଟନାୟକ ଓ ଅସ୍ମିତା ଦାଶ ପ୍ରମୁଖ ମକଦ୍ଦମା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଦିର୍ଘ ସମୟ ଧରି ଉଭୟ ପକ୍ଷର ଯୁକ୍ତିକୁ ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଛନ୍ତି ବିଚାରପତି। ଆସନ୍ତା ୨୦ତାରିଖରେ ୫ଅଭିଯୁକ୍ତଙ୍କ ଜାମିନ ଆବେଦନର ରାୟ ପ୍ରକାଶ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିଭଳି ହତ୍ୟାକାଣ୍ଡ ପରେ ହତ୍ୟାକାରୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଗିରଫ ଜୟପୁରର ଫାର୍ମ ହାଉସ ମାଲିକ ସୁନୀଲ ହୋତାଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇସାରି ଥିବାବେଳେ ତାହାର ରାୟ ମଧ ଆସନ୍ତା ୨୦ତାରିଖକୁ ଧାର୍ଯ୍ୟ କରାଯାଇଛି। ଅପରପକ୍ଷେ ସୁନୀଲ ହୋତାଙ୍କ ପକ୍ଷରୁ ତାଙ୍କ ଓକିଲ ଆଜି କୋର୍ଟରେ ଡିସଚାର୍ଜ ପିଟିସନ ଦାଖଲ କରିଥିବା ଜଣାପଡିଛି। ମାମଲାରେ ପୁଲିସ ପ୍ରାଥମିକ ଚାର୍ଜସିଟ ଦାଖଲ କରି ତଦନ୍ତ ଜାରି ରହିଥିବା ଦର୍ଶାଉ ଥିବାବେଳେ ଏଥିପାଇଁ ପୁଲିସ କୋର୍ଟରେ ଆବେଦନ କରି ଅନୁମତି ନେଇଛି କି ନାହିଁ ଏବଂ ଯଦି ନେଇଛି ତେବେ କେତେଦିନ ପାଇଁ ନେଇଛି ତାହା ଜାଣିବାକୁ ଚାହିଁଛନ୍ତି କୋର୍ଟ।

## ପ୍ରଶାସନର ଦୃଷ୍ଟି ଆଢୁଆଳରେ ସବେରୀ ଗାଁ

# ମୌଳିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଗ୍ରାମବାସୀ

ଫିରିଙ୍ଗିଆ,୧୨ ।୩(ସମିସ): ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଅବହେଳିତ ଫିରିଙ୍ଗିଆ ବ୍ଲକର ଅନେକ ଗାଁ। କେଉଁଠି ରାସ୍ତା ନାହିଁ ତ ଆଉ କେଉଁଠି ପାଣି ପାଇଁ ହନ୍ତସନ୍ତ

### ନାହିଁ ପାନୀୟଜଳ ବ୍ୟବସ୍ଥା, ରାସ୍ତା ଶୋଚନୀୟ

ହେଉଛନ୍ତି ଗ୍ରାମବାସୀ। ବାଧ୍ୟ ହୋଇ ନାଳ ଓ ଚୁଆର ଦୂଷିତ ପାଣି ପିଉଛନ୍ତି। ଏଭଳି ସମସ୍ୟା ଭୋଗୁଥିବା ଏକ ଗାଁ ହେଉଛି ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତର ସବେରୀ ଗ୍ରାମ। ସବେରୀ ଗାଁରେ ପ୍ରାୟ ୭୦ଟି ପରିବାର ବସବାସ କରିଆସୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଏମାନଙ୍କ ଠାରୁ ୧ କିମି ଦୂରରେ। ଗାଁକୁ ଯିବା ପାଇଁ ଭଲ ରାସ୍ତା ନାହିଁ। କିଛି ଦୂରରେ ଏକ ଛୋଟ ପୋଲ କାହିଁ କେଉଁ କାଳରୁ ନିର୍ମାଣ ହୋଇଥିବାବେଳେ ତାହା ଭାଙ୍ଗି ଗଲାଣି। ଫଳରେ ଆମ୍ବୁଲାନ୍ସ ସେବା ହେଉ କି ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ସ୍କୁଲ କଲେଜ ଯିବାକୁ ସାଧାରଣ ଭାବରେ ପିଲା ଠାରୁ ବୟସ୍କ ଲୋକ ପର୍ଯ୍ୟନ୍ତ ବହୁ ଅସୁବିଧା ଭୋଗୁଛନ୍ତି। ଗାଁରେ ପିଇବା ପାଣି ସମସ୍ୟା ଲାଗି ରହିଛି। ଖରାଦିନ ଆସିଲେ ଗ୍ରାମବାସୀ ପାଣି ପାଇଁ ତହଳ ବିକଳ ହେଉଥିବା ବେଳେ ଏମାନଙ୍କ ପାଇଁ ପ୍ରଶାସନ ତରଫରୁ କୌଣସି ସୁବିଧା ଯୋଗାଇ ଦିଆଯାଉନି। ଦୀର୍ଘବର୍ଷ ହେବ ରାସ୍ତା ଓ ପାନୀୟ ଜଳ ଗ୍ରାମବାସୀଙ୍କ ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଥିଲେ ମଧ୍ୟ ପ୍ରଶାସନ କୌଣସି ଗୁରୁତ୍ୱ ଦେଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଖରା ବଢୁଥିବା ବେଳେ ପାଣି ସମସ୍ୟା ଅତି ଉତ୍କଟ ହୋଇଛି। ତେଣୁ ତୁରନ୍ତ ପାଣି ବ୍ୟବସ୍ଥା ସହ ରାସ୍ତା ନିର୍ମାଣ ପାଇଁ ଏଠାରେ ଗ୍ରାମର ଶତ୍ରୁ ବିଷୋୟୀ, ଶୁକଦେବ କହଁର, ବୈଷ୍ଣବ ବିଷୋୟୀ, ମିତ କହଁର, ରଦିନା କହଁର, ଚରଣ ବିଷୋୟୀ, ଲକ୍ଷିନ କହଁର, ରମେଶ କହଁର, ବ୍ରହ୍ମା କହଁର, ରାଜୀବ କହଁରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



## ମୁକୁଳା କୂଅରେ ପଡ଼ି ଯୁବକ ମୃତ

ଫିରିଙ୍ଗିଆ,୧୨ ।୩(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ବାଲନ୍ଦାପଡ଼ା ଫାଣ୍ଡି ଅନ୍ତର୍ଗତ ବଡପଙ୍ଗା ଗାଁର ଜଣେ ଯୁବକ ଗୁରୁବାର ସକାଳୁ ମୁକୁଳା କୂଅରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ବଡପଙ୍ଗା ଗାଁର ଟିକେଶ୍ୱର ଦିଗାଲଙ୍କ ପୁଅ କନିଷ୍ଠ ଦିଗାଲ।

କନିଷ୍ଠ ସକାଳ ପ୍ରାୟ ୬ଟାରେ ନିଜ ବିଲରେ ଥିବା କୂଅରେ ଲାଗିଥିବା ପାଣିପମ୍ପ ସଜାଡ଼ିବାକୁ ଯାଇଥିଲେ। ଅସାବଧାନତାବଶତଃ କୂଅ ଭିତରକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘରକୁ ନଫେରିବାରୁ ପରିବାର ଲୋକେ ଯାଇ ମୃତଦେହ କୂଅରେ ଭାସୁଥିବା ଦେଖି କିଛି ଗ୍ରାମବାସୀଙ୍କ ସହାୟତାରେ କନିଷ୍ଠଙ୍କୁ କୂଅରୁ ଉଦ୍ଧାର କରି ବାଲନ୍ଦାପଡା ମେଡିକାଲକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଗୋଛାପଡା ଥାନା ଅଧିକାରୀ ସଂଜିତ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ଟିମ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଂଜିତ କୁମାର ବେହେରା ସୂଚନା ଦେଇଛନ୍ତି।

## ସୁନା ଚୋରି ଘଟଣା; ୩ ମହିଳା ଓ ଜଣେ ପୁରୁଷ ଗିରଫ

ମୋହନା,୧୨।୩(ସମିସ): ଗଜପତି ଜିଲ୍ଲା ମୋହନା ପଣ୍ଡାଛକରେ ଥିବା ସାଇବା ସୁନା ଦୋକାନରୁ ଚୋରି ଘଟଣାରେ ମୋହନା ପୁଲିସ ୩ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ହରିଡ଼ାଖଣ୍ଡିର ଝୁମୁରି ଦାସ, ବିରୋଜିନୀ ଦାସ, ରଘୁପତିନଗରର ସୁଶୀଳା ଦାସ, ଫୁଲସୁନ୍ଦରି ସାହିର ସନ୍ତୋଷ ଦାସ। ସେମାନଙ୍କଠାରୁ ଚୋରି ସୁନା ଜବତ ହୋଇଥିବା ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର କହିଛନ୍ତି। ମିଳିଥିବା ସୂଚନା ପ୍ରକାରେ, ଗତ ସୋମବାର ଅପରାହ୍ନ ପ୍ରାୟ ୫ଟାବେଳେ ସାଇବା



ସୁନା ଦୋକାନକୁ ୩ ଜଣ ମହିଳା ଓ ଜଣେ ପୁରୁଷ ଆସିଥିଲେ। ସୁନା କିଣିବୁ ବୋଲି କହି ଦେଖାଇବାକୁ କହିଥିଲେ। ସୁନା ଦୋକାନୀ ସେମାନଙ୍କୁ ସୁନା ଦେଖାଇବାବେଳେ ଅନ୍ୟମନସ୍କ ହେବାରୁ ଚତୁରତାର ସହ ସୁନା ଗହଣା ଚୋରି କରି ଚାଲିଯାଇଥିଲେ। ଏହାପରେ ଦୋକାନ ମାଲିକ ସୁନା କମ୍ ଥିବା ଦେଖି ସନ୍ଦେହ କରିଥିଲେ। ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ସେହି ୩ ମହିଳା ଓ ଜଣେ ପୁରୁଷ ସୁନା ଚୋରି କରି ନେଇଥିବା ଜଣାପଡ଼ିଥିଲା। ଏନେଇ ମୋହନା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ସମ୍ପୃକ୍ତ ମହିଳା ଓ ପୁରୁଷଙ୍କୁ ଗିରଫ କରିଥିଲା।

## ନିଆଁ ଆଁରେ ଜି.ଉଦୟଗିରି ବନାଞ୍ଚଳ

ଜି.ଉଦୟଗିରି,୧୨।୩(ସମିସ): ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ତିନୋଟି ସେକ୍ସନର ବିଭିନ୍ନ ଜାଗାରେ ଗ୍ରୀଷ୍ମଋତୁ ଆରମ୍ଭରୁ ନିଆଁ ଲାଗିବା ଆରମ୍ଭ ହେଲାଣି। ତେବେ ବନବିଭାଗ ଏଥିପାଇଁ ପୂର୍ବରୁ ଜନସାଧାରଣଙ୍କୁ ସଚେତନ କରିଥିଲେ ମଧ୍ୟ ଏତେ ମାତ୍ରାରେ ନିଆଁ ଲାଗୁଛି ଯେ ବନ ବିଭାଗ ଏହାକୁ ଆୟତ୍ତ କରିବାରେ ନାକେଦମ୍ ହେବାକୁ ପଡୁଛି। ତେବେ କଥା ଉଠୁଛି ଜଙ୍ଗଲ ବିଭାଗ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ନଲଗାଇବାକୁ ସଚେତନ କରୁଥିବାବେଳେ କେମିତି ନିଆଁ ଲାଗୁଛି। କିଛି ଖଳ ପ୍ରକୃତିର ଲୋକଙ୍କ ଏହା କାମ ବୋଲି ପରିବେଶବିତ୍ ଅନୁମାନ କରୁଛନ୍ତି। ନିଆଁ ଆଁରେ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ ସାଙ୍ଗକୁ ନିରୀହ ବନ୍ୟପ୍ରାଣୀଙ୍କ ଜୀବନ ଯାଉଥିବାରୁ ବିଭାଗ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଲେ ବୋଧେ ଏହାକୁ ରୋକା ଯାଇପାରିବ। ଜି ଉଦୟଗିରି ଏକ ବଡ଼ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ବନସଂରକ୍ଷିତ ସମିତି ଅଥବା ଯୁବଗୋଷ୍ଠୀ ମିଳିତ ସହଯୋଗରେ ଏହାର ସୁରକ୍ଷା ସମ୍ଭବ ବୋଲି ପରିବେଷବିତ୍ ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବିଭାଗ ସହ ଯୋଗାଯୋଗ କରିବାରେ ବିଭିନ୍ନ ଜାଗାରେ ନିଆଁ ଲାଗୁଛି ଭାଗ ଭାଗ କରି ସ୍ଥିତିକୁ ନିୟନ୍ତ୍ରଣାଧୀନ ଅଛି ବୋଲି କହୁଥିବା ବେଳେ ପାଜିମାହା ସଂରକ୍ଷିତ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଉଦ୍ୟମ ଜାରିରହିଛି।

## ଜିଲ୍ଲାପାଳଙ୍କ ଅଫିସ ଆଗରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ




ପାରଳାଖେମୁଣ୍ଡି,୧୨ ।୩ (ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ଠାରେ ଥିବା ଡ. ବି. ଆର୍ ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟୟନରତ +୩ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷ କଳା ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ନ ମିଳିବାରୁ ରାଜରାସ୍ତାରେ ବିକ୍ଷୋଭ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗର୍ଜନ କରିଛନ୍ତି। ଗୁରୁବାର ଶହ ଶହ ଛାତ୍ରଛାତ୍ରୀ ପାରଳାଖେମୁଣ୍ଡି ଠାରେ ପହଞ୍ଚି ଷ୍ଟାଡିୟମଠାରୁ ଏକ ପଦଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଛାତ୍ରଛାତ୍ରୀମାନେ ଜଣାଇଛନ୍ତି ଯେ, ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଆବେଦନ କରିଥିବା ଛାତ୍ରବୃତ୍ତି ପାଇନୁ। ଯାହାକି ଜିଲ୍ଲାର ଅନ୍ୟ ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାଇସାରିଲେଣି। ଆମ ମହାବିଦ୍ୟାଳୟରେ ପ୍ରାୟ ସମସ୍ତେ ଆଦିବାସୀ/ ଜନଜାତି, ଗରିବ ଛାତ୍ର/ଛାତ୍ରୀମାନେ ରହିଛନ୍ତି। ଯଦିଓ ଚଳିତ ବର୍ଷ କୌଣସି କାରଣରୁ ଛାତ୍ରବୃତ୍ତି ପ୍ରଦାନ ନକରାଯାଏ ତେବେ ଆଗାମୀ ବର୍ଷ ଆମ୍ଭେ ନାମଲେଖାଇବାରେ ଅସୁବିଧା ସୃଷ୍ଟି ହେବ ବୋଲି ଜଣାଇଛନ୍ତି। ଏନେଇ ଗଜପତି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ଛାତ୍ରବୃତ୍ତି ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଯଦି ଚଳିତ ବର୍ଷ ଛାତ୍ରବୃତ୍ତି ନମିଳେ ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି।

## ଅଙ୍ଗନବାଡ଼ି କେନ୍ଦ୍ରରେ ଅଚଳାବସ୍ଥା | ୫୯ଟି କେନ୍ଦ୍ରକୁ ନାହିଁ ବିଦ୍ୟୁତ୍ ସଂଯୋଗ

ଟିକାବାଲି,୧୨ ।୩(ସମିସ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା କେତେକ ସହରରେ ପାରଦ ୪୦ ଛୁଇଁଲାଣି। ମାତ୍ର କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକର ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଶିଶୁଙ୍କ ପାଇଁ ସର୍ବନିମ୍ନ ସୁବିଧା ନଥିବାରୁ ଗ୍ରୀଷ୍ମ ଆରମ୍ଭରୁ ହିଁ ଗରମ ଓ ଜଳକଷ୍ଟରେ କାଳାତିପାତ କରୁଛନ୍ତି। ବ୍ଲକରେ ସମୁଦାୟ ୧୪୧ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୧୩୯ଟି କେନ୍ଦ୍ର ନିଜସ୍ୱ କୋଠାରେ ଚାଲୁଛି। ସରକାରୀ ତଥ୍ୟ ଅନୁଯାୟୀ ପ୍ରାୟ ସମସ୍ତ କେନ୍ଦ୍ରରେ ନଳକୂପ ଖୋଳାଯାଇଛି। କିନ୍ତୁ ପରିତାପର ବିଷୟ ଯେ, ସେଥିରୁ ଅଧିକାଂଶ ପାଣି ପିଇବା ଉପଯୋଗୀ ନୁହେଁ। ଅଦ୍ୟାବଧି ମାତ୍ର ୧୧ଟି କେନ୍ଦ୍ରକୁ



ପାଇପ୍ ଯୋଗେ ଜଳ ଯୋଗାଣ ସମ୍ଭବ ହୋଇଛି। ବାକି ୧୩୦ଟି କେନ୍ଦ୍ରରେ ଶିଶୁମାନେ ପାନୀୟ ଜଳ ପାଇଁ ବାହାର ଉତ୍ସ ନଳକୂପ ଓ କୂଅ ଉପରେ ନିର୍ଭର କରୁଛନ୍ତି। ବିଭାଗୀୟ ସିଡିପିଓ ସୁନିତା ଦାଶଙ୍କ କହିବା ଅନୁଯାୟୀ, ଗୋଟିଏ କେନ୍ଦ୍ରରେ କୂପ ପାଣି ବ୍ୟବହାର କରାଯାଉଛି। ତେବେ ଗ୍ରୀଷ୍ମର ପ୍ରକୋପ ବଢିଲେ ଏହି ସମସ୍ୟା ଆହୁରି ଜଟିଳ ହେବା ଆଶଙ୍କା କରାଯାଉଛି। ପାଣି ସମସ୍ୟା ସାଙ୍ଗକୁ ଆବଶ୍ୟକ ବିଦ୍ୟୁତ ସଂଯୋଗ କଷ୍ଟକୁ ଦ୍ୱିଗୁଣିତ କରିଛି। ୧୩୯ଟି ନିଜସ୍ୱ କୋଠା ମଧ୍ୟରୁ ମାତ୍ର ୮୦ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ୫୯ଟି କେନ୍ଦ୍ର ଏବେ ବି ଅନ୍ଧାରରେ ରହିଛି। ଗ୍ରୀଷ୍ମ ଋତୁରେ ତାପମାତ୍ରା ବଢୁଥିବା ବେଳେ ବିନା ପଙ୍ଖାରେ କୁନି ଶିଶୁମାନେ କେନ୍ଦ୍ରରେ ବସିବା ଅସମ୍ଭବ। ଖରାଦିନେ ଗୁଳୁଗୁଳି ଓ ତାତିରେ ପିଲାମାନେ ଅସୁସ୍ଥ ହେବାର ଭୟ ଅଭିଭାବକମାନଙ୍କୁ ଘାରିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଜଳଛତ୍ର ଓ ଶିଶୁଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଉଥିବା ବେଳେ ଟିକାବାଲି ବ୍ଲକର ଏହି ସ୍ଥିତି ବିଭାଗୀୟ ଅବହେଳାକୁ ପଦାରେ ପକାଇଛି। ଯଦି ନଳକୂପ ପାଣି ବ୍ୟବହାର ଉପଯୋଗୀ ନୁହେଁ, ତେବେ ବିକଳ୍ପ ପାନୀୟ ଜଳ ବ୍ୟବସ୍ଥା ପାଇଁ ବିଭାଗ କାହିଁକି ସଜାଗ ନାହିଁ? ବିଦ୍ୟୁତ ସଂଯୋଗ ପାଇଁ ଆବଶ୍ୟକୀୟ ପାଣ୍ଠି ଅଛି ନା ନାହିଁ? ଯଦି ଅଛି, ଥାଇ ମଧ୍ୟ କାହିଁକି ୫୯ଟି କେନ୍ଦ୍ର ଅନ୍ଧାରରେ ଅଛି? ପିଲାଙ୍କ ସ୍ୱାସ୍ଥ୍ୟ ସହ ଖେଳାଯାଉଥିବା ଏହି ବ୍ୟବସ୍ଥା କେବେ ସୁଧୁରିବ? ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ବିଶୁଦ୍ଧ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ କରିବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଏହି ଅବ୍ୟବସ୍ଥା ବିରୋଧରେ ଜନ ଅସନ୍ତୋଷ ଦାନା ବାନ୍ଧିବ ବୋଲି ଚେତାବନୀ ଦିଆଯାଇଛି।

## ସମବାୟ ସମିତିରେ ଡିଜିଟାଲ୍ ସେବା




ରାୟଗଡ଼,୧୨ ।୩(ସମିସ): ରାୟଗଡ଼ ବ୍ଲକ ସଦରସ୍ଥ ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସରେ) ରେ ଡିଜିଟାଲ୍ ସେବା ଆରମ୍ଭ ହୋଇଛି। ସମବାୟ ସମିତି ସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ ଏହାର ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଚାଷୀମାନଙ୍କ ଆର୍ଥିକ ଉନ୍ନତି ଦିଗରେ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ସେମାନଙ୍କ ପଞ୍ଜୀକରଣ କରିବା ଠାରୁ ଆରମ୍ଭ କରି ବିଭିନ୍ନ କାମ ପାଇଁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏଣିକି ଲ୍ୟାମ୍ପ୍ସ ମାଧ୍ୟମରେ ସବୁ ସୁବିଧା ପାଇପାରିବେ ବୋଲି ପରିଚାଳନା ନିର୍ଦ୍ଦେଶକ ପ୍ରବାଳ ଚନ୍ଦ୍ର ଲିମା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଶାଖା ପରିଚାଳକ ନିରାକାର ଗୌଡ଼ ଓ କାଳିଆ ପାଇକ ସହଯୋଗ କରିଥିଲେ।

## ଗଜପତି ଜିଲ୍ଲା ଓଜେୟୁର କର୍ମକର୍ତ୍ତା ଚୟନ



ପାରଳାଖେମୁଣ୍ଡି,୧୨ ।୩(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ବୃନ୍ଦାବନ ପ୍ୟାଲେସ ପରିସରରେ ଗଜପତି ଜିଲ୍ଲା ଓଜେୟୁ ଶାଖାର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ହୋଇଯାଇଛି। ଅମିତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଓଡିଶା ସାମ୍ବାଦିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଂଗଠନର ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପ୍ରାୟ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗଜପତି ଜିଲ୍ଲା ଓଜେୟୁ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ବାବେ ଅମିତ କୁମାର ପଟ୍ଟନାୟକ, ଉପସଭାପତି ଭାବେ ଅଲିନ ପାଣି, ସମ୍ପାଦକ ସୁରେଶ ଚନ୍ଦ୍ର ନାଗ, ସହ ସମ୍ପାଦକ ଭାସ୍କର ସ୍ୱାଇଁ, କୋଷାଧକ୍ଷ କୈଳାସ ସ୍ୱାଳସିଂ ଓ ଉପଦେଷ୍ଟା ଭାବେ ରାଜେନ୍ଦ୍ର ରଥ ଓ ସଞ୍ଜୟ ଜେନାଙ୍କୁ ସର୍ବସମତି କ୍ରମେ ଚୟନ କରାଯାଇଥିଲା। କର୍ମକର୍ତ୍ତା ଚୟନ ପରେ ସଂଗଠନରେ ସ୍ୱଚ୍ଛତା ଓ ସୁଦୃଢ଼ ଭାବେ ଆଗକୁ ବଢ଼ାଇବାକୁ ସମସ୍ତ ସଦସ୍ୟଙ୍କୁ ସଭାପତି କହିଥିଲେ।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମୋହନା,୧୨।୩(ସମିସ): ମୋହନା ସ୍ଥିତ ହିଲ୍‌ଟପ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇତିହାସ ବିଭାଗ ଅଧ୍ୟାପକ ଭଗବାନ ବିଷୋୟୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଅଧ୍ୟକ୍ଷ ଏସ୍. ରମେଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଦଣ୍ଡାସି ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଶ୍ରୀ ବିଷୋୟୀ ଦୀର୍ଘ ୩୪ ବର୍ଷ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିବା ବେଳେ ୧୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଧ୍ୟକ୍ଷ ପଦବୀରେ ରହି ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହ ସ୍ନାତକ ବିଭାଗ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ମୋହନା ପ୍ରେସ୍ କ୍ଲବ୍ ପକ୍ଷରୁ ଶ୍ରୀ ବିଷୋୟୀ ଏବଂ ତାଙ୍କ ଧର୍ମପତ୍ନୀ ସୁନିତା ପ୍ରଧାନଙ୍କୁ ଉପଢ୍ୱୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାର୍ସଲ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ପିସ୍ ଅନୁଷ୍ଠାନ ନିର୍ଦ୍ଦେଶକ ଭିକାରୀ ଚରଣ ନାୟକ, ମହିଳା ନେତ୍ରୀ ପ୍ରମିଳା ପଣ୍ଡା, ମୋହନା ପ୍ରେସ୍ କ୍ଲବ୍ ସଭାପତି ସୁମନ ପଟ୍ଟନାୟକ, ଉପ ସଭାପତି ଅଂଶୁମାନ ପଣ୍ଡା, ସମ୍ପାଦକ ବାବୁଲା ସେଠି, ସାମ୍ବାଦିକ ଅଶ୍ୱିନ କୁମାର ପାତ୍ର, ଶନି ବେହେରା ସ୍ନାତକ ବିଭାଗ ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଅନିଲ କୁମାର ତ୍ରିପାଠୀ, ଅନ୍ତର୍ଯ୍ୟାମୀ ଗୌଡ଼, ପୂର୍ବତନ ଗ୍ରନ୍ଥାଗାର ରକ୍ଷକ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପିଟି ମୀନକେତନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁନି ଜାମା ମସ୍‌ଜିଦରେ ଇଫ୍‌ତାର ବନ୍ଧୁମିଳନ

ଜି.ଉଦୟଗିରି,୧୨।୩(ସମିସ): ଜି.ଉଦୟଗିରି ସୁନି ଜାମାମସଜିଦ୍‌ଠାରେ ପବିତ୍ର ରମଜାନ ମାସର ୨୧ ତମ ଉପବାସର ଇଫତିୟାର ଅବସରରେ ଏକ ସର୍ବସମ୍ପ୍ରଦାୟ ବନ୍ଧୁମିଳନର ମସ୍‌ଜିଦର ପରିଚାଳନା କମିଟି ସଦସ୍ୟ ଏବଂ ଅଞ୍ଚଳର ଇସଲାମ ଧର୍ମାବଲମ୍ବୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। କାଯ୍ୟକ୍ରମରେ ସୁଶ୍ରୀ ଦେବସ୍ମିତା ଶତପଥୀ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ସନ୍ତୋଷ କୁମାର ବାଘ, ଉପାଧ୍ୟକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ, ଅନୀଲ କୁମାର ଦଳବେହେରା ସାମ୍ବାଦିକ, ଜାକେସ୍ ପ୍ରଧାନ କାଉନ୍‌ସିଲର, ସାମ୍ବାଦିକ ଅରୁଣ କୁମାର ଷଡଙ୍ଗୀ, ରାମକୃଷ୍ଣ ଚୈଧୁରୀ ଓ ମହମ୍ମଦ ନୁର, ମହମ୍ମଦ ତୈସିଫ, ପି. ସଞ୍ଜୀବ କୁମାର ପାତ୍ର, କାଉନ୍‌ସିଲର ଅମର କୁମାର ନାୟକ, ଲକ୍ଷ୍ମୀ ପ୍ରିୟା , ସାମନ୍ତଶେଖର ନାୟକ, ମୁକେଶ କୁମାର ନାୟକ, ପ୍ରିୟବ୍ରତ ସାହୁ, ବ୍ୟବସାୟୀ, ସୁଭ୍ରମନ୍ୟ ନାୟକ, ସଭାପତି ନଗର କଂଗ୍ରେସ, ମଧ୍ୟୁଲିନା ଦିଗାଲ, ବଧାୟକ ପ୍ରତିନିଧିଙ୍କ ସୁସାନ୍ତ କୁମାର ସାହୁ, କୁନ୍ଦରା ସୋରେନ, ଝଲକ ଦାସ, ଆଦର୍ଶ ଥାନାର କାର୍ଯ୍ୟରତ ପଦାଧିକାରୀ ଏସ୍.ବି ଦିଗାଲ, ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଭାପତି ମହମ୍ମଦ ଜାମିଲ, ସମ୍ପାଦକ ସୟଦ ଅବଦୁଲ କରିମ, କୋଷାଧ୍ୟକ୍ଷ ମହମ୍ମଦ ଇସଲାମ, ମହମ୍ମଦ ମଜିଦ, ମହମ୍ମଦ ସକିଲ, ମହମ୍ମଦ ସାବୁଦିନ,ମହମ୍ମଦ କୁଫରାନ, ମହମ୍ମଦ ଫକିରୁଦ୍ଦିନ ପରିଚାଳନା କରିଥିଲେ। ଶେଷରେ ଇମାମ ମୌଲବି ହାମିଦରାଜା ଏବଂ ମହମ୍ମଦ ତାଜମୁଲ ହୁସେନ ବିଶ୍ୱଶାନ୍ତି, ଭାଇଚାରା ପାଇଁ ପ୍ରାର୍ଥନା କରିଥିଲେ।



## ହୁତୁ ହୁତୁ ହୋଇ ଜଳୁଛି ଜଙ୍ଗଲ | ସଜାଗ ଥିବା କହିଲେ ବନଖଣ୍ଡ ଅଧିକାରୀ

ବାଲିଗୁଡା,୧୨ ।୩(ସମିସ): ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ ଏହାକୁ ନେଇ ସଚେତନତା ବାର୍ତ୍ତା ସହ ଏକ ସାମ୍ବାଦିକ ସମ୍ମିଳନୀ କରି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ ସୂଚନା ଦେଇଛନ୍ତି। ବାଲିଗୁଡା ବନଖଣ୍ଡରେ ରହିଛି ୭ଗୋଟି ବନାଞ୍ଚଳ ଓ ଏହା ୧୩୯୪ କିମି ବ୍ୟାପି ରହିଛି। ନିଆଁ ଯୋଗୁ ଜଙ୍ଗଲ ନଷ୍ଟ ହେଇଯାଉଛି। ବନାଗ୍ନି ରୋକିବାକୁ ବନଖଣ୍ଡର କର୍ମଚାରୀମାନେ ୨୪ଘଣ୍ଟା କାର୍ଯ୍ୟ କରୁଛନ୍ତି। ଯଦି କେଉଁଠି ନିଆଁ ଲାଗିବ ତେବେ ଆମ ୭ଗୋଟି ବନାଞ୍ଚଳର ବନାଞ୍ଚଳ ଅଧିକାରୀଙ୍କ ସମେତ ବନଖଣ୍ଡ ଅଧିକାରୀମାନଙ୍କୁ ସୂଚନା ଦିଅନ୍ତୁ। ଜଙ୍ଗଲରେ ନିଆଁ ନଲଗାଇବା ଓ ଜଙ୍ଗଲରେ ନିଆଁ ଲଗାଇଲେ କ'ଣ କ୍ଷତି ଏବଂ ଦଣ୍ଡବିଧାନ ରହିଛି ତାକୁ ନେଇ ବିଭିନ୍ନ ସ୍ଥାନରେ ସଚେତନତା ବୈଠକ ସହ ପଥପ୍ରାନ୍ତ ନାଟକ କରାଯାଉଛି। ଟେକ୍‌ନୋଲୋଜି ବ୍ୟବହାର କରାଇ କେଉଁଠି ନିଆଁ ଲାଗିଲେ ଆମେ ଜାଣିପାରୁଛୁ। ନିଆଁ ଲିଭାଇବା ପାଇଁ ୨୦ଗୋଟି ଗାଡ଼ି ରହିଛି ଓ ବାନାଗ୍ନି ରୋକିବାକୁ ୭ଶହ କର୍ମଚାରୀ ନିୟୋଜିତ ରହିଛନ୍ତି। ଯଦି କେହି ନିଆଁ ଲଗାନ୍ତି ତେବେ ତାଙ୍କ ବିରୋଧରେ ୩ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ପ୍ରାବଧାନ ରହିଛି। ଏଥିରେ ବନଖଣ୍ଡ ଅଧିକାରୀଙ୍କ ସମେତ ସହକାରୀ ବନ ସଂରକ୍ଷକ (ଏସସିଏଫ୍) ମନୋରଂଜନ ବାଘ, ବନାଂଚଳ ଅଧିକାରୀ ଡି. ସୁବାସ ଉପସ୍ଥିତ ଥିଲେ। ଅନ୍ୟ ପଟେ ବାଲିଗୁଡ଼ା ଠାରୁ ମାତ୍ର ଏକ କିମ୍ବା ଦୁଇ କିଲୋମିଟର ମଧ୍ୟରେ ଥିବା ଭଗାମୁଣ୍ଡା ଓ ସୁନାପଙ୍ଗା ଅଞ୍ଚଳରେ ଥିବା ଜଙ୍ଗଲ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ତେବେ ଜଙ୍ଗଲ ସୁରକ୍ଷା ପାଇଁ ଏତେ ଗୁଡ଼ାଏ ବ୍ୟବସ୍ଥା ଥିବାବେଳେ କିଭଳି ବାଲିଗୁଡ଼ା ବନ ବିଭାଗ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା କରିବେ ତାହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।




## ଅଭିଶାପ ପାଲଟିଲାଣି 'ଆୟୁଷ୍ମାନ' କାର୍ଡ

# କାର୍ଡ ଥାଇ ବି ମେଡିକାଲରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଅଭିଯୋଗ

ପାରଳାଖେମୁଣ୍ଡି,୧୨ ।୩ (ସମିସ)

ସ୍ୱାସ୍ଥ୍ୟ ସେବାରେ ଡବଲ ଇଞ୍ଜିନ ସରକାରଙ୍କ ଆୟୁଷ୍ମାନ କାର୍ଡ ଲୋକଙ୍କ ହିତରେ ଆସୁନି। ଏହା ଏବେ ଅଭିଶାପ ପାଲଟିଲାଣି ବୋଲି ଲୋକେ କହିଲେଣି। ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ଲୋକଙ୍କ ମଧ୍ୟରେ ବର୍ତ୍ତମାନ ସ୍ୱାସ୍ଥ୍ୟକାର୍ଡକୁ ନେଇ ଭାଳେଣି ପଡିଛି। ଗୋଟିଏପଟେ ଜିଲ୍ଲାରେ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା ରୋଗୀ ବାହାର ରାଜ୍ୟକୁ ଚିକିତ୍ସା ପାଇଁ ଯାଇ ଶୋଷଣର ଶିକାର ହେଉଥିବାର ବହୁ ଦୃଷ୍ଟାନ୍ତ ରହିଛି।

ଏପରି ଏକ ଘଟଣା ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ଦେଖିବାକୁ ମିଳିଛି। ତାଟିପାଟି ଗ୍ରାମର ଗୋଲାଗ୍ରାମର ହୃଷୀ ରାଉତଙ୍କ ସ୍ତ୍ରୀଙ୍କର ଡାୟଲିସିସ୍ କରାଯାଉଛି। ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାୟଲିସିସ୍ କେନ୍ଦ୍ର ରହିଥିଲେ ମଧ୍ୟ ଅବ୍ୟବସ୍ଥା ଯୋଗୁ ସେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସ୍ତ୍ରୀର ଚିକିତ୍ସା କରାଉଛନ୍ତି। ତାଙ୍କ କହିବା ଅନୁସାରେ, ଆନ୍ଧ୍ରର ଶ୍ରୀକାକୁଳମଠାରେ ଥିବା ଏକ ଘରୋଇ ହସ୍ପିଟାଲର କିଛି ଡାକ୍ତର ପାରଳାଖେମୁଣ୍ଡି ଜିଲ୍ଲା ହସ୍ପିଟାଲଠାରେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇ ଓପିଡିରେ ବସିଥାନ୍ତି। ଏହି ସମୟରେ ରୋଗୀମାନଙ୍କୁ ତାଙ୍କ ନିଜସ୍ୱ ହସ୍ପିଟାଲକୁ ରେଫର୍ କରୁଛନ୍ତି। ଏହାସହ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନଙ୍କ ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର କରି ରୋଗୀଙ୍କୁ ସେହି ହସ୍ପିଟାଲକୁ ପଠାଉଛନ୍ତି। ହୃଷୀ ରାଉତଙ୍କ ଅଭିଯୋଗ ଅନୁଯାୟୀ, ଆପାତକାଳୀନ ସ୍ଥିତିରେ ହସ୍ପିଟାଲକୁ ଯିବା ପରେ ଆୟୁଷ୍ମାନ ଯୋଜନାରେ ଔଷଧ ଓ ପରୀକ୍ଷଣ ପାଇଁ ଅର୍ଥ ସରକାରଙ୍କ ପକ୍ଷରୁ ଦିଆଯାଉ ନାହିଁ, ତୁମ୍ଭେ ତୁମ ନିଜସ୍ୱ ଖର୍ଚ୍ଚ ବହନ କରିବାକୁ ବାଧ କରାଯାଇଥିଲା। ଆୟୁଷ୍ମାନ କାର୍ଡ ଉପରେ ଭରସା କରି ଯାଇଥିଲେ ମଧ ଚିକିତ୍ସା ପାଇଁ ସେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏବେ ଚିନ୍ତାରେ।

- ଡାକ୍ତର, କୁଜିନେତା ମିଶି ପଠାଉଛନ୍ତି ଘରୋଇ ମେଡ଼ିକାଲ
- ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ପୂର୍ବତନ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସୁବିଧାରେ ଚିକିତ୍ସା ସେବା ମିଳିପାରୁଥିଲା। ମାତ୍ର ଏବେ ଆୟୁଷ୍ମାନ କାର୍ଡ ଧରି ଲୋକେ ଘାଣ୍ଟି ହେଉଛନ୍ତି। ସହାୟତା ପାଇଁ ସେ ବିଭିନ୍ନ ରାଜନୈତିକ ନେତା ଓ ପ୍ରଶାସନ ନିକଟରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସହଯୋଗ ମିଳିନଥିବା କହିଛନ୍ତି। ଏପରି ପରିସ୍ଥିତିରେ ଗରିବ ଓ ନିରୀହ ଲୋକଙ୍କ ପାଇଁ ଆୟୁଷ୍ମାନ ଯୋଜନା କେତେ ଉପକାରୀ, ତାହା ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ରୋଗୀଙ୍କୁ ଭ୍ରମିତ କରି ନିଜ ସ୍ୱାର୍ଥ ପାଇଁ ହସ୍ପିଟାଲକୁ ପଠାଉଥିବା ଦଲାଲ ଓ ଏଜେଣ୍ଟମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ନେବା ସହିତ ଏହି ଘଟଣାର ସଠିକ୍ ତଦନ୍ତ କରି ପୀଡ଼ିତଙ୍କୁ ନ୍ୟାୟ ଦେବାକୁ ଦାବି ହୋଇଛି।

# ରନ୍ଧନ ଗ୍ୟାସ ସମସ୍ୟା; ମଧ୍ୟାହ୍ନ ଭୋଜନ ପ୍ରଭାବିତ ଆଶଙ୍କା

ଧରାକୋଟ,୧୨।୩(ସମିସ): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ଯୋଗୁଁ ତୈଳ ସହ ଗ୍ୟାସ ସମସ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଧରାକୋଟ ବ୍ଲକର ମୋଟ ୧୨୫ଟି



ସ୍କୁଲରେ ୧୫୧୦୮ ଜଣ ଛାତ୍ରଛାତ୍ରୀ ପ୍ରତିଦିନ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ସରକାରୀ ନିୟମ ପ୍ରକାରେ ଗ୍ୟାସ ସିଲିଣ୍ଡର ସହାୟତାରେ ରୋଷେଇ ପାଇଁ ବିଦ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁସନ୍ଧାନରୁ ଜଣାଯାଇଛି ବ୍ଲକର ୧୧୮ ବିଦ୍ୟାଳୟରେ ଗ୍ୟାସ ସଂଯୋଗ ରହିଛି। ସଂପ୍ରତି ଆମେରିକା, ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଗ୍ୟାସ ସମସ୍ୟା ଧୀରେ ଧୀରେ ଉତ୍କଟ ହେବାର ସମ୍ଭାବନା ଦେଖାଦେଲାଣି। ଅନ୍ୟ ପକ୍ଷରେ ରାଜ୍ୟ ନୋଡାଲ ଅଧିକାରୀ ବିଇଓ ମାନଙ୍କୁ ତୁରନ୍ତ ପ୍ରତି ମାସରେ କେତୋଟି ସିଲିଣ୍ଡର ସମସ୍ତ ବିଦ୍ୟାଳୟ ଗୁଡ଼ିକ ପାଇଁ ଆବଶ୍ୟକ ଜଣାଇବା ପାଇଁ ଚିଠି ଲେଖିଛନ୍ତି। ଅନ୍ୟ ପକ୍ଷରେ ବିଦ୍ୟାଳୟ ଗୁଡ଼ିକରେ ଗ୍ୟାସର ବିକଳ୍ପ ଭାବରେ କାଠ ବ୍ୟବହାର ଏକ ମାତ୍ର ପନ୍ଥା ହୋଇଥିବା ବେଳେ ଏଥିପାଇଁ ଆଗୁଆ ପଦକ୍ଷେପ ନେବା ଜରୁରୀ ହୋଇଛି। ଘଟଣା ସମ୍ପର୍କରେ ବିଇଓ ରମେଶ ଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ ବେଳେ ଗ୍ୟାସର ଅଭାବ ସମ୍ପର୍କରେ ଆମକୁ କେହି ଅଭିଯୋଗ କରି ନାହାନ୍ତି, କିନ୍ତୁ କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ହେବନାହିଁ, ବିଦ୍ୟାଳୟ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରିବେ, ପରିସ୍ଥିତି ପ୍ରତି ଆମେ ନଜର ରଖିଛୁ ବୋଲି ପ୍ରକାଶ କରିଛନ୍ତି। ଏଣୁ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ ମାନେ ଏଥିପ୍ରତି ଆଗୁଆ ସଚେତନ କେତେଦୂର ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ବିଏମ୍‌ସି କମିଶନରଙ୍କ ବଦଳିକୁ ନେଇ ଅସନ୍ତୋଷ

# ‘ବ୍ରହ୍ମପୁରର ବିକାଶକୁ ଦିଗହରା କରିବ ବଦଳି ଆଦେଶ’

ବ୍ରହ୍ମପୁର,୧୨।୩(ସମିସ)

ବ୍ରହ୍ମପୁର ମହାନଗର ନିଗମ(ବିଏମସି) କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନାଗିରି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏଭଳି ନିଷ୍ପତିକୁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅସମୟରେ ଯେଉଁ ବଦଳି ହୋଇଛି ତାହା ବ୍ରହ୍ମପୁରର ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଗ୍ରହଣୀୟ ନୁହେଁ ବୋଲି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଏନେଇ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହି ବଦଳି ଆଦେଶକୁ ତୁରନ୍ତ ବାତିଲ କରିବା ପାଇଁ ନିବେଦନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ' ଶ୍ରୀ ରାଜେଶିର୍କେଙ୍କ ପୁର୍ବରୁ ଯେଉଁ କମିଶନର ଥିଲେ ତାଙ୍କ ସମୟରେ ମହାନଗର ନିଗମ ବହୁ ବାଦ ବିବାଦରେ ଛନ୍ଦି ହେବା ସହ ଏକ ପ୍ରକାର ସ୍ଥାଣୁ ପଲଟିଯାଇଥିଲା। ଏବଂ ବ୍ରହ୍ମପୁର ସହର ବିକାଶ କ୍ଷେତ୍ରରେ ବହୁ ପଛକୁ ଠେଲି ହୋଇଯାଇଥିଲା।

### ସହରତଳି କ୍ରିୟାନୁଷ୍ଠାନ କମିଟି

ପରିଶେଷରେ ତାଙ୍କୁ ଏଠାରୁ ଅପସାରଣ କରାଯାଇଥିଲା। ବହୁ ବିଚାର ବିମର୍ଶ ପରେ ରାଜ୍ୟ ସରକାର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ଏଠାରେ କମିଶନର ରୁପେ ନିଯୁକ୍ତି ଦେଇଥିଲେ ଯାହାକୁ ଜନସାଧାରଣ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସେହିଭଳି ରାଜେଶିର୍କେର୍ ଏଠାରେ ମହାନଗର ନିଗମର ଆୟୁକ୍ତ ରୁପେ ଯୋଗଦେବା ପରେ ମହାନଗର ନିଗମର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ନିଗମ ପ୍ରଶାସନକୁ ଲୋକଙ୍କ ନିକଟତର କରିଥିଲେ। ତାଙ୍କର ସ୍ୱଳ୍ପକାଳର ରହଣୀ ମଧ୍ୟରେ ପ୍ରାସାଶନିକ ସଂସ୍କାର ମାଧ୍ୟମରେ ସେ ଅନେକ ଗୁଡ଼ିଏ ସଂସ୍କାରଧର୍ମି ପଦକ୍ଷେପ ଗ୍ରହଣ କରି ମହାନଗର ନିଗମକୁ କ୍ରିୟାଶୀଳ କରି ଏକ ଉତ୍ତରଦାୟୀ ନାଗରିକ ପ୍ରଶାସନ ପାଇଁ ଚେଷ୍ଟା କରିଥିଲେ। ନିଜର ପ୍ରାଶାସନିକ ଅଭିଜ୍ଞତା, କାର୍ଯ୍ୟଦକ୍ଷତା ଓ ଦୂରଦୃଷ୍ଟିକୁ ଉପଯୋଗ କରି ସହରର ଅଭିବୃଦ୍ଧି, କାୟା ବିସ୍ତାର, ବିକାଶ ଓ ଉନ୍ନୟନ ନିମନ୍ତେ ଅନେକ ଗୁଡ଼ିଏ ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦ ଆବଶ୍ୟକତାକୁ ଉପଲବ୍ଧ କରି ଅନେକ ଗୁଡ଼ିଏ ଅଭିନବ ଏବଂ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ।

ବିଶେଷକରି ସହରତଳି ଅଞ୍ଚଳ ଓ ୧୪ଟି ପାଶ୍ୱର୍ବର୍ତ୍ତୀ ପଞ୍ଚାୟତ ବିଏମସିରେ ମିଶ୍ରଣ ନେଇ ତାଙ୍କର ଭୂମିକା ଅତୁଳନୀୟ ଓ ଅଦ୍ୱିତୀୟ। ସହରତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରି ଏହାକୁ ଏକ ପୂର୍ଣ୍ଣାଙ୍ଗ ମହାନଗର ନିଗମରେ ପରିଣତ କରିବା ନିମନ୍ତେ ସେ ଯେଉଁ ଆନ୍ତରିକତା ଓ ତତ୍ପରତା ଦେଖାଇଥିଲେ ତାହା ଅତୀବ ପ୍ରଶଂସନୀୟ ଥିଲା ଏବଂ ତାଙ୍କର ଅବଦାନ ସବୁବେଳେ ଅନ୍ୟମାନଙ୍କ ନିମନ୍ତେ ପ୍ରେରଣା ପ୍ରଦ ଓ ଅଭୁଲା ହୋଇ ରହିବ।

ମହାନଗର ନିଗମର କାର୍ଯ୍ୟଶୈଳୀ, ଯୋଜନା, ପ୍ରସାଶନିକ ଜଟିଳତା ତଥା ଆଇନ କାନୁନ ବୁଝି ଏହାକୁ ବ୍ୟବସ୍ଥିତ ଢ଼ଙ୍ଗରେ ପକାଇ ବ୍ରହ୍ମପୁରର ଅଭିବୃଦ୍ଧି ଏବଂ ବିକାଶକୁ ଏକ ନିର୍ଦ୍ଧିଷ୍ଟ ଦିଗ ଦେଇ ତ୍ୱରାନିତ କରିବାକୁ ଯାଉଥିଲା ବେଳେ ତାଙ୍କୁ ଏଠାରୁ ଏଭଳି ଘଡିସନ୍ଧି ମୂହୁର୍ତ୍ତରେ ବଦଳି କରିବା ବ୍ରହ୍ମପୁରର ବିକାଶକୁ ବାଟବଣା କରିଦେବ ବୋଲି କମିଟି ମନେ କରେ। ଯଦିଓ ସରକାରୀ କର୍ମଚାରୀଙ୍କ ବଦଳି ଏକ ନିୟମିତ ସ୍ୱାଭାବିକ କାର୍ଯ୍ୟ ଓ ପ୍ରାଶାସନିକ ତଥା ବ୍ୟବସ୍ଥାଗତ ପରିଧିର ଆବଶ୍ୟକତା ଥାଇପାରେ ତଥାପି କମିଟି ମନେ କରେ ଯେ ମହାନଗର ନିଗମ କମିଶନର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅନ୍ତତଃ ଜଣେ ଅଧିକାରୀଙ୍କୁ ଦୁଇ ରୁ ତିନିବର୍ଷ ବିନା ବାଧାରେ କାର୍ଯ୍ୟ କରିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ନଚେତ କୌଣସି ବିକାଶ ମୁଳକ ଯୋଜନା ତାର ଲକ୍ଷ୍ୟ ହାସଲ କରିପାରିବ ନାହଁ କିମ୍ବା ସଫଳ ରୁପାୟନ ହୋଇ ପାରିବନାହିଁ। ବୃହତ୍ତର ବ୍ରହ୍ମପୁର ମହାନଗର ନିଗମରେ ଆଗକୁ ଅନେକ ଗୁଡ଼ିଏ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବାରୁ ତାଙ୍କର ବଦଳିକୁ ବାତିଲ କରି ତାଙ୍କୁ ଏଠାରେ ଆଉ ଦୁଇବର୍ଷ କାର୍ଯ୍ୟ କରିବାର ସୁଯୋଗ ଦେଇ ବ୍ରହ୍ମପୁରକୁ ଏକ ଆଗଧାଡ଼ିର ବିକଶିତ ସହରରେ ପରିଣତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ମୃତ ଗୃହରକ୍ଷୀଙ୍କ ପରିବାରକୁ ସହାୟତା

ଟିକାବାଲି,୧୨।୩(ସମିସ): ଟିକାବାଲି ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ପ୍ରଜାପତି ପ୍ରଧାନଙ୍କ ଅକାଳ ବିୟୋଗ ଘଟିଛି। ସେ ଜଣେ ନିଷ୍ଠାପର, ମେଳାପୀ ଓ ଶୋଚଟ କର୍ମଚାରୀ ଭାବେ ପରିଚିତ ଥିଲେ। ପ୍ରଜାପତିଙ୍କୁ ହଠାତ୍ ବ୍ରେନ ଟିଉମର ହେବା ଫଳରେ ଭୁବନେଶ୍ୱର ଏମ୍ସ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିଲା। ଗୁରୁବାର ତାଙ୍କର ଦଶାହ କାର୍ଯ୍ୟ ଅବସରରେ ଜିଲ୍ଲା ଗୃହରକ୍ଷୀ ସଂଘ ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ସହାୟତା କରାଯାଇଛି। ପ୍ରଜାପତି ୨୦୧୦ ମସିହାରେ ଗୃହରକ୍ଷୀ ବିଭାଗରେ ଯୋଗ ଦେଇଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଏବେ ଅସହାୟ ହୋଇପଡ଼ିଛି। ଦଶାହ କାର୍ଯ୍ୟରେ ଜିଲ୍ଲା ଗୃହରକ୍ଷୀ ସଂଘର ଆବାହକ ତଥା ଉପ-ସଭାପତି ବିରାଜ ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ରାଏଙ୍କ ସମେତ ଟିକାବାଲି ଥାନା ଏ.ଏସ.ଆଇ ପଞ୍ଚାନନ ମଲ୍ଲିକ, ହାବିଲଦାର ତାପସ ପ୍ରଧାନ ଏବଂ ସଂଘର କର୍ମକର୍ତ୍ତା ପ୍ରଶନ୍ନ କୁମାର ଦିଗାଲ, ସାମନ୍ତ ଦିଗାଲ ଓ ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ପରିବାରକୁ ଆର୍ଥିକ ସହାୟତା ଓ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି। ପ୍ରଜାପତିଙ୍କ ପଛରେ ତାଙ୍କର ବିଧବା ମା', ସ୍ତ୍ରୀ ସୁମିତ୍ରା କହଁର ଏବଂ ଦୁଇଟି ଛୋଟ ପିଲା ଜଣେ ୧୦ ବର୍ଷ ଓ ଆଉଜଣେ ୭ବର୍ଷ ର ରହିଛନ୍ତି। ଘରର ମୁରବି ଚାଲିଯିବା ପରେ ସ୍ତ୍ରୀ ସୁମିତ୍ରା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏହି ସମୟରେ ସଂଘ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଗୃହରକ୍ଷୀ ସଂଘର ନିଜସ୍ୱ କଲ୍ୟାଣ ପାଣ୍ଠିରୁ ଆଗାମୀ ଦିନରେ ଉକ୍ତ ପରିବାରକୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସଂଘ ସୂଚନା ଦେଇଛି। ଥାନା ଅଧିକାରୀ ସମୀର କୁମାର ବେହେରା ମଧ୍ୟ ପ୍ରଜାପତିଙ୍କ ବିୟୋଗରେ ଗଭୀର ସମବେଦନା ଜଣାଇଛନ୍ତି।

# ଶିଶୁ ସାହିତ୍ୟ ବିକାଶ ପରିଷଦର ସ୍ୱନକ୍ଷତ୍ର ଉତ୍ସବ



ବ୍ରହ୍ମପୁର,୧୨।୩(ସମିସ): ଉତ୍କଳ ଆଶ୍ରମ ସ୍ଥିତ ଓଡ଼ିଆ ଭାଷା ଭବନ କକ୍ଷରେ ଶିଶୁ ସାହିତ୍ୟ ଅନୁଷ୍ଠାନ ଶିଶୁ ସାହିତ୍ୟ ବିକାଶ ପରିଷଦର ଦ୍ୱାବିଂଶତମ ସ୍ୱନକ୍ଷତ୍ର ଉତ୍ସବ ଓ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଶିଷ୍ଟ ଶିଶୁ ସାହିତ୍ୟିକ ହାଡ଼ିବନ୍ଧୁ ମାଳିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବନମାଳୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ. ହରିକୃଷ୍ଣ ନାୟକ, ଅନୁଷ୍ଠାନର ସମ୍ପାଦିକା ପ୍ରାଧ୍ୟାପିକା ଡ. ଜୟନ୍ତୀ ରାଣୀ ପଣ୍ଡା ଓ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ କବି ଅଭିରାମ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ୱନକ୍ଷତ୍ର ଉତ୍ସବ ଓ ସମାରୋହକୁ ଉଦଘାଟନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ସମେତ ଅନେକ ସାହିତ୍ୟିକ ଓ ସାହିତ୍ୟିକାଙ୍କୁ ମାର୍ଗଦର୍ଶନ କରିବା ଦ୍ୱାରା ଅନେକ ଶିଶୁ ସାହିତ୍ୟିକ ସୃଷ୍ଟି ହୋଇପାରିଛନ୍ତି। ଶିଶୁମାନଙ୍କ ବୌଦ୍ଧିକ ବିକାଶ ପାଇଁ ଶିଶୁ ସାହିତ୍ୟର ଭୂମିକା ଅନିର୍ବାଯ୍ୟ ଏବଂ ଶିଶୁଟି ବାଲ୍ୟକାଳରୁ ଶିକ୍ଷାରୁ ପ୍ରାପ୍ତ ଜ୍ଞାନକୁ ଠିକ୍ ମାର୍ଗ ପରିଚାଳନା କରି ପାରିଲେ ଉତ୍ତମ ନାଗରିକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦିକା ଡ. ଜୟନ୍ତୀରାଣୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ହାଡ଼ିବନ୍ଧୁ ମାଳି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖପତ୍ର ଶିଶୁପତ୍ରିକା "ସୁନା ଅଜା' ଏବଂ ଶିଶୁ ସାହିତ୍ୟିକା ବିଷ୍ମିତା କୁମାରୀ ପଣ୍ଡାଙ୍କ ରଚିତ ଶିଶୁଗଳ୍ପ ସଂକଳନ ‘ଆସ କାହାଣୀରୁ ଶିଖିବା’ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ପ୍ରତିଭାଧାରୀ କବି ଓ କବୟିତ୍ରୀଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଶିଶୁ ସାହିତ୍ୟିକ କବି ଡ. ବିଜୟ ଚନ୍ଦ୍ର ମହାରଣାଙ୍କ ପୌରୋହିତ୍ୟରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଢୀ ଏବଂ ଉପସଭାପତି ଜ୍ୟୋସ୍ନାମୟୀ ପ୍ରଧାନ ଅଂଶଗ୍ରହଣ କରିଥିଲେ। କବୟିତ୍ରୀ ସଂଯୋଜିକା ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବହୁ କବି କବୟିତ୍ରୀ ସ୍ୱରଚିତ ଶିଶୁକବିତା ପାଠ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର କଳାକାର ସମାବେଶ

ବ୍ରହ୍ମପୁର,୧୨।୩(ସମିସ): ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ କଳାକାର ସମାବେଶ ରଙ୍ଗମଞ୍ଚ ‘ଅନ୍ନପୂର୍ଣ୍ଣା ଥିଏଟର’ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଘାଟକ ଭାବେ କୈଳାସ ପାଣିଗ୍ରାହୀ ଯୋଗଦେଇ ଉଦଘାଟନ କରିଥିଲେ। ରଙ୍ଗମଞ୍ଚରେ ଗଞ୍ଜାମ ଜିଲ୍ଲା ଦୁଆନପଲ୍ଲୀ ସ୍ଥିତ ମା' ମଙ୍ଗଳା ଓ କଳାପାଟ ନାଟ୍ୟ ସଂଘ ପ୍ରଯୋଜିତ ଲୋକନାଟକ ‘ଲକ୍ଷ୍ମୀ ପୁରାଣ' ପରିବେଷଣ କରାଯାଇଥିଲା। ଗୁରୁ ବନଜ କୁମାର ସାହୁ ନିର୍ଦ୍ଦେଶିତ ତଥା ପୂର୍ଣ୍ଣଚନ୍ଦ୍ର ସାହୁ ପରିଚାଳିତ ଲୋକ ନାଟକଟି ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଗୁରୁଗୌରବ ପ୍ରମୋଦ କୁମାର ଦାସ, ବିଶିଷ୍ଟଅତିଥି ଭାବେ ନାଟକ ଗବେଷକ ଡ. ବାୟାମନୁ ଚର୍ଚ୍ଚି, ମୁଖ୍ୟବକ୍ତା ନାଟ୍ୟକାର ଉପେନ୍ଦ୍ର କୁମାର ଶର୍ମା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର, ନାଟ୍ୟକାର ଅଭୟ କୁମାର ଦାସ, ଅନୁଷ୍ଠାନ ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାର କଳାକାର ଭତ୍ତା ବୃଦ୍ଧି ସହିତ ତାହାକୁ ପୂର୍ବବତ ପାରିବାରିକ ଭତ୍ତାରେ ରୂପାନ୍ତର କରିବା ଏବଂ କେନ୍ଦ୍ର କଳାକାର ଭତ୍ତା ବୃଦ୍ଧି ନିମନ୍ତେ ଦୃଢ଼ ଦାବି ଉପସ୍ଥାପିତ କରାଯାଇଥିଲା। ମହାସଂଘ ମୁଖପାତ୍ର ରାଜଗୋପାଳ ପାଢ଼ୀଙ୍କ ସଂଯୋଜନା କ୍ରମେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାସଂଘ ପକ୍ଷରୁ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘ ମହାସଚିବ ସୁବାସ ସାହୁ ରୋଶନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଡ. ବିଜୟ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମାନସ ରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଭଞ୍ଜନଗର,୧୨।୩(ସମିସ): ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୮ ଦିନ ବ୍ୟାପି ଚାଲିଥିବା ଛାତ୍ରୀ ମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଏଥିରେ ଭଞ୍ଜନଗର ବିଡିଓ ଭାରତୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିସହ ସେ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଉଭୟ ସ୍ତରରେ ସୁଦୃଢ଼ ହେବାକୁ ପଡିବ ବୋଲି କହିଥିଲେ। ଅଧ୍ୟକ୍ଷ ବିଭାସ ଦାସ ସଭାରେ ଅଧ୍ୟକ୍ଷତା କରିବା ସହ ସଭାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡ ରବିନ୍ଦ୍ର କୁମାର ମିଶ୍ର, ଫିଜିକ୍ସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ରଥ, ଅଧ୍ୟାପିକା ସସ୍ମିତା କୁମାରୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆତ୍ମରକ୍ଷା ତାଲିମ ଶିବିର ସଂଯୋଜିକା ସ୍ମରଣିକା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ମୃତିମୟୀ ପାତ୍ର, ପୂଜାରାଣୀ ସ୍ୱାଇଁ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ‘ଉତ୍କଳୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥ' ଆଲୋଚନାଚକ୍ର

ଭଞ୍ଜନଗର,୧୨।୩(ସମିସ): ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ‘ଉତ୍କଳୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ. ଅନନ୍ତ ରାମ କର କୌଣ୍ଡିନ୍ୟ ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ଉଭୟ ନାରୀ ଓ ପୁରୁଷଙ୍କୁ ସମାନ ଦୃଷ୍ଟିରେ ଦେଖା ଯାଉଥିଲା ବୋଲି କହିଥିଲେ। ଓଡ଼ିଆମାନେ




ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିଛନ୍ତି। କିନ୍ତୁ ସେ ଜଗତର ନାଥ। ଜଗନ୍ନାଥ ସଂସ୍କୃତି ସମଗ୍ର ପୃଥିବୀକୁ ବ୍ୟାପିଛି। ଘୁମୁସର ମାଟି ମହାନ, ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ସୁରକ୍ଷାରେ ଘୁମୁସରର ଅବଦାନ ଅତୁଳନୀୟ ବୋଲି ମଧ୍ୟ ବକ୍ତାମାନେ କହିଥିଲେ। ବ୍ରହ୍ମପୁର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହରିହର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିସହ ସେ ଓଡ଼ିଶାର ମଠ ମହନ୍ତ ଇତିହାସ ଏବଂ ଜଗନ୍ନାଥ ସଂସ୍କୃତି ଉପରେ କହିଥିଲେ। ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଖୁଣ୍ଟିଆ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଅସିଷ୍ଟାଣ୍ଟ ପ୍ରଫେସର୍ ଡ. ବାବୁରାମ ପାଣି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଜ୍ୟୋତି ଭାରତୀ ମିଶ୍ର ସଂଯୋଜନା କରିଥିଲେ। ଛାତ୍ର ବିକ୍ରମ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଛତ୍ରପୁର,୧୨।୩(ସମିସ): ଛତ୍ରପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ନରସିଂହ ନନ୍ଦ(୮୦)ଙ୍କ ପରଲୋକ ଘଟିଛି। ସେ ଛତ୍ରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଦୀର୍ଘଦିନ ତିନି ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିଲେ। ସେ ଜଣେ ଆଦର୍ଶ, କର୍ତ୍ତବ୍ୟନିଷ୍ଠ ଓ ସ୍ନେହୀ ଶିକ୍ଷକ ଥିଲେ। ଏକଦା ଛତ୍ରପୁର ବ୍ଲକ ପ୍ରାଥମିକ ଶିକ୍ଷକ ମାନଙ୍କୁ ଏକତାର ରୁଜ୍ଜୁରେ ବାନ୍ଧି ରଖିବା ସହ ବ୍ଲକର ଶିକ୍ଷକ ସଂଘକୁ ସଂଗଠିତ କରିବା କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ତୁଲାଇଥିଲେ।



ବୁଧବାର ତାଙ୍କ ନିଜସ୍ୱ ବାସଭବନ ଚମାଖଣ୍ଡି ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଉକ୍ତ ସମୟରେ ତିନି ପୁତ୍ର ମହେନ୍ଦ୍ର, ରାଜେନ୍ଦ୍ର ଓ ଜିତେନ୍ଦ୍ର, ୩ ବୋହୂ, ନାତି ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କରି ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଛତ୍ରପୁର ବ୍ଲକ ଶିକ୍ଷକ ଗ୍ରହଣରେ ଏକ ଶୋକର ଛାୟା ଖେଳିଯାଇଛି।

# ଘର ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ଗହଣା ଲୁଟ୍

ଫିରିଙ୍ଗିଆ,୧୨।୩(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଉଛି। ୧୦ ତାରିଖ ରାତିରେ ଫିରିଙ୍ଗିଆ ଥାନା ଅଧୀନ ସୁମେରୁ ବନ୍ଧ ପଞ୍ଚାୟତର ରିବି ଲଦା ଗାଁରେ ସୁଧୀର ରଣାଙ୍କ ଘର କାନ୍ଥ କଣା କରି ଦୁର୍ବୃତ୍ତ ମାନେ ଘର ଭିତରେ ଥିବା ଗଡ଼ରେଜ ଓ ବାକ୍ସ ଭାଙ୍ଗି ନଗଦ ୧ ଲକ୍ଷ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ସେହି ରାତିରେ ସୁଧୀର ରଣା ଓ ପରିବାର ଗୋଟିଏ ଘରେ ଶୋଇଥିବା ବେଳେ ଅନ୍ୟ ବଖରାରେ କେହି ନଥିଲେ। ଏହାର ସୁଯୋଗ ନେଇଁ ଘରର କାନ୍ଥ କଣା କରି ଘର ଭିତରେ ପଶି ଲୁଟିଥିଲେ ଦୁର୍ବୃତ୍ତ। ସକାଳୁ ଘରୁ ଚୋରି ହୋଇଥିବା ଜାଣିବା ପରେ ସୁଧୀର ଫିରିଙ୍ଗିଆ ଥାନାରେ ଲିଖିତ ଭାବରେ ଜଣାଇଥିବା ବେଳେ ଫିରିଙ୍ଗିଆ ଥାନାର ଅଧିକାରୀ ମୁରଲୀ ଧର ସାହୁଙ୍କ ସହ ଏକ ଟିମ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ଦିନକୁ ଦିନ ଚୋରି ଡକାୟତି ଓ ହତ୍ୟା ଘଟଣା ବଢୁଥିବା ବେଳେ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ଓଡ଼ିଶା ସେବାନିବୃତ୍ତ କର୍ମଚାରୀ ସାଧାରଣ ସମ୍ମିଳନୀରେ ଗଞ୍ଜାମ ପ୍ରତିନିଧି



ବ୍ରହ୍ମପୁର,୧୨।୩(ସମିସ): ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ଭବନରେ ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏଥିରେ ଗଞ୍ଜାମରୁ ନିଖିଳ ଓଡିଶା ଶିକ୍ଷକ ମହାସଙ୍ଘର ଅଧ୍ୟକ୍ଷ କାମରାଜୁ ମହାରଣା ଅଂଶଗ୍ରହଣ କରି କେନ୍ଦ୍ର ସରକାରଙ୍କ ପେନସେନର୍ସ ବିରୋଧୀ ଭ୍ୟାଲିଡେସନ ବିଲ ୨୦୨୫କୁ ପ୍ରତ୍ୟାହାର ପାଇଁ ଓଡ଼ିଶାର ସମସ୍ତ ସାଂସଦ, ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ ପୂର୍ବକ ସେମାନଙ୍କୁ ଅବଗତ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ସଂଗଠନକୁ ସୁଦୂର ପ୍ରସାରି କରିବା ପାଇଁ ତୃଣମୂଳ ସ୍ତରରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟା ଗଞ୍ଜାମ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ସେବାନିବୃତ୍ତ ବିକାଶ ମଞ୍ଚର ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ଦଳେଇ, ଏଲୋଷ୍ଟାର ରାଜ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା ଓ କାର୍ଯ୍ୟକାରୀ ସଦସ୍ୟ ବିଭୁତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଅପରାଧ ସମୀକ୍ଷା ବୈଠକ

# ପେଣ୍ଡିଂ ମାମଲା ତୁରନ୍ତ ସାରିବାକୁ ସବୁ ଆଇଆଇସିଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୨।୩(ସମିସ)

ବର୍ତ୍ତମାନ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଚୋରି ଓ ଲୁଟ୍ ମାମଲା ବୃଦ୍ଧି ପାଇଛି। ସେପଟେ ବଡବଜାର ଥାନା ଅଞ୍ଚଳ ଅଶାନ୍ତ ରହିଛି। ସହରର ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ଅପରାଧ ସିମୀକ୍ଷା ବୈଠକ ବ୍ରହ୍ମପୁର ଏସ୍‌ପି ଡ଼ା.ସର୍ବଣା ବିବେକ ଏମଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏସପି ଡାକ୍ତର ବିବେକ ବହୁ ଦିନ ଧରି ପଡ଼ି ରହିଥିବା ପୁରୁଣା ମାମଲା ଗୁଡିକର ସ୍ଥିତି ସମ୍ପର୍କରେ ଉପସ୍ଥିତ ଥାନା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପେଣ୍ଡିଂ ମାମଲା ଗୁଡିକ ଶୀଘ୍ର ସାରିବାକୁ ଏସପି ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୱାରେଣ୍ଟ ଧରପଗଡ, ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସାବଡ କରିବା ପାଇଁ ରଣନୀତି ପ୍ରସ୍ତୁତ ସହ ସହରର ଟ୍ରାଫିକ ସମସ୍ୟା ସମ୍ପର୍କିତ ଆଲୋଚନା ହୋଇଥିଲା। କିଛି ଦିନ ଧରି ସହର ଓ ଉପକଣ୍ଠରେ ବିଭିନ୍ନ ଅପରାଧିକ କାର୍ଯ୍ୟାକଳାପ ବୃଦ୍ଧି ପାଇବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଏଣୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ଘଟଣାରେ ସଂପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସପି ଡ଼. ସର୍ବଣା ବିବେକ ଏମ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଥାନାରେ ରୁଜୁ ହୋଇଥିବା ଦୁଷ୍କର୍ମ, ହତ୍ୟା, ଡକାୟତି,ଠକେଇ,ନିଖୋଜ ଓ ଅପମୃତ୍ୟୁ ମାମଲା ଗୁଡିକ ସମ୍ପର୍କର ଏସପି ସମୀକ୍ଷା କରିଥିଲେ। ଗତ କିଛିଦିନ ଭିତରେ ବ୍ରହ୍ମପୁର ଓ ଉପକଣ୍ଠରେ ଚୋରୀ, ଲୁଟ ଓ ହତ୍ୟା ଉଦ୍ୟମ ଭଳି ଘଟଣା ବଢିବାକୁ ଲାଗିଥିବାରୁ ପେଷାଦାର ଅପରାଧୀ ତଥା ଜେଲ ଫେରନ୍ତାଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଏସପି ଗୁରୁତ୍ୱ ଦେଇଥିଲେ। ସମ୍ପ୍ରତି ସହରରେ କିଛି ନୂଆ ଅପରାଧୀ ବିଭିନ୍ନ ମାମଲାରେ ସମ୍ପୃକ୍ତ ରହିଥିବା ଜଣାପଡିଛି। ସେମାନଙ୍କୁ ଚିହ୍ନଟ କରିବାକୁ ନୂଆ ଅପରାଧୀଙ୍କ ତାଲିକା ପ୍ରସ୍ତୁତି ଚାଲିଛି। ସେହିପରି ସାଇବର ଠକେଇ ମାମଲା ବୃଦ୍ଧି ପାଉଥିବାରୁ ସୋସିଆଲ ମିଡ଼ିଆ ସଚେତନତା ବାର୍ତା ଦେବାକୁ କୁହାଯାଇଛି। ଆଗକୁ ଆଇପିଏଲ କ୍ରିକେଟ ରହିଛି। ସହରରେ ସମ୍ଭାବ୍ୟ ବେଟିଂ ଉପରେ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ବ୍ରହ୍ମପୁର ପୁଲିସ ପକ୍ଷରୁ ଏକ ମୋବାଇଲ ଟ୍ରାକିଂ ଓ ସ୍ୱତନ୍ତ୍ର ଟିମ ଗଠନ ହେବ ବୋଲି ସୂଚନା ମିଳିଛି। ବୈଠକରେ ଏଏସପି, ଡ଼ିଏସପି, ଏସଡ଼ିପିଓଙ୍କ ସମେତ ବିଭିନ୍ନ ଥାନା ଇନ୍ସପେକ୍ଟର ଉପସ୍ଥିତ ଥିଲେ।

